ଶୁବମନଙ୍କ ଶତକ, ଇଂଲଣ୍ଡ ଆଗରେ ୩୯୯ ରନ୍‌ର ଟାର୍ଗେଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୧ • ସଂଖ୍ୟା–୧୦ • ୫ ଫେବୃୟାରୀ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-10 • 5th February 2024, Monday • Bhubaneswar
Licensed to post without pre-payment of postage No- BN-60/22-24




# ଆଜିଠୁ ବିଧାନସଭାର ବଜେଟ୍ ଅଧିବେଶନ

## ମୁତୟନ ହେବେ ୨୮ ପ୍ଲାଟୁନ ଫୋର୍ସ, ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କଲେ ଡିଜିପି

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

ଆସନ୍ତାକାଲିଠୁ ଆରମ୍ଭ ହେବ ବିଧାନସଭାର ବଜେଟ ଅଧିବେଶନ। ସାଧାରଣ ନିର୍ବାଚନ ପୂର୍ବରୁ ଷୋଡ଼ଶ ବିଧାନସଭାର ଏହା ହେବ ଶେଷ ଅଧିବେଶନ। ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟ ଦିବସ ରହିଛି। ସ୍ୱଳ୍ପକାଳୀନ ଅଧିବେଶନ ହେଲେ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଗୃହ ସରଗରମ ହେବା ସମ୍ଭାବନା ରହିଛି। ଆସନ୍ତା ୮ ତାରିଖରେ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯିବ। ଅଧିବେଶନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ରବିବାର ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ୬ଟା ୩୦ରେ ବିଧାନସଭାରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ବସିଥିଲା। ଗୃହକୁ ସୁପରିଚାଳନା ପାଇଁ ଉଭୟ ଶାସକ ଓ



ବିରୋଧୀଙ୍କ ସହଯୋଗ ଲୋଡ଼ିଥିଲେ ବାଚସ୍ପତି ।

ଅନ୍ୟପଟେ ୫ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩ ଥାକିଆ ସୁରକ୍ଷା ବଳୟ ସହ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୁଲିସ ଛାଉଣି କରାଯାଇଛି। ରବିବାର ବିଧାନସଭା ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି ଡିଜି ଇନ୍‌ଚାର୍ଜ ଅରୁଣ ଷଡଙ୍ଗୀ।

ବଜେଟ ଅଧିବେଶନ ସମୟରେ ବିଧାନସଭାର ସୁରକ୍ଷା ବ୍ୟବସ୍ଥା ପାଇଁ ୨୮ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏସ୍‌ଓଜି, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, କ୍ୟୁଏଟି, ଡଗ ସ୍କ୍ୱାଡ, ଅଗ୍ନିଶମ ବିଭାଗ ଆଦି ସବୁ ଦିଗ ଉପରେ ତୀକ୍ଷ୍ଣ ନଜର ରଖିବେ। ବିଧାନସଭାଠାରୁ ଆରମ୍ଭ କରି ଲୋୟର ପିଏମ୍‌ଜି, (ପୃଷ୍ଠା ୭ରେ)

# ଜେଏନ୍‌ୟୁରେ ପ୍ରତିଷ୍ଠା ହେବ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର

## ଓଡ଼ିଶା ସରକାର ଏବଂ ଜେଏନ୍‌ୟୁ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପାଠ୍ୟକ୍ରମରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଛି । ରାଜ୍ୟ ସରକାରଙ୍କ ତରଫରୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଜେଏନ୍‌ୟୁର କୁଳପତି ଶାନ୍ତିଶ୍ରୀ ଧୁଳିପୁଡି ପଣ୍ଡିତ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି ।

ଜେଏନ୍‌ୟୁରେ ଓଡ଼ିଆ ପାଠ୍ୟ ବିଷୟ ଅଧ୍ୟୟନ ପାଇଁ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ରାଜ୍ୟ ସରକାର ଏକକାଳୀନ ୧୦ କୋଟି ଟଙ୍କା ସହାୟତା ଦେବେ । ଏହି କେନ୍ଦ୍ର ଓଡ଼ିଆ ବିଷୟବସ୍ତୁ ଅଧ୍ୟୟନ ପାଇଁ



ମାଷ୍ଟର ପ୍ରୋଗ୍ରାମ ଆରମ୍ଭ କରିବ । ଏହାଛଡା ଏହି କେନ୍ଦ୍ରରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱ ଓ ଶାସନ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ପ୍ରାଚୀନ ଓଡ଼ିଆ ସାହିତ୍ୟର ଗ୍ରନ୍ଥାବଳୀ ସମ୍ପର୍କିତ ଅଧ୍ୟୟନରେ ବ୍ୟବସ୍ଥା ରହିବ।

ଓଡ଼ିଆ ଭାଷାରେ ପ୍ରଗତିଶୀଳ ଗବେଷଣା ନିମନ୍ତେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଭାଗିତା ଓ ସହଯୋଗିତା, ଆମର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରୋତ୍ସାହନ ନିମନ୍ତେ ଉଲ୍ଲେଖନୀୟ ଭିତ୍ତି ନିର୍ମାଣ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ । ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ସମୟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା , ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ପଞ୍ଜାବ ପରେ ବରଗଡ଼ ଜିଲ୍ଲା ଏବେ ପାଲଟିଛି ଭାରତର ଦ୍ୱିତୀୟ କ୍ୟାନସର ହବ୍



ବରଗଡ, ୪।୨
ନ୍ୟୁଜ୍ ବ୍ୟୁରୋ

ରବିବାର ହେଉଛି ବିଶ୍ୱ କର୍କଟ ଦିବସ । ଏହି ଦିନରେ ସାରା ବିଶ୍ୱ କର୍କଟ ରୋଗକୁ ପରାହତ କରିବା ପାଇଁ ଲଢେଇ ଜାରି ରଖିଛି। ଏହି ସମୟରେ ଲୋକେ କିପରି ଏହି ମାରାତ୍ମକ ରୋଗରୁ ଦୂରେଇ ରହିବେ ସେନେଇ କରାଯାଉଛି ସଚେତନ। ତେବେ ସାରା ପଶ୍ଚିମ ଓଡ଼ିଶାରେ କ୍ୟାନସର ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏମିତିରେ ବରଗଡ଼ ଜିଲ୍ଲା ଏବେ ଭାରତରେ ପାଲଟିଛି କ୍ୟାନସର ହବ୍। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ କ୍ୟାନସର ରୋଗୀ ଏଠାରେ ଚିହ୍ନଟ ହେଉଛନ୍ତି । ସାରା ଭାରତରେ ପଞ୍ଜାବ ପରେ ଦ୍ୱିତୀୟ ଆକ୍ରାନ୍ତ ଅଞ୍ଚଳ ଭାବେ ବରଗଡ଼କୁ ଚିହ୍ନଟ କରାଯାଇଛି । ବିଶେଷ ଭାବେ ଫସଲରେ ଅତ୍ୟଧିକ ସାର ଓ କୀଟନାସକର ପ୍ରୟୋଗ ଏହାର ମୁଖ୍ୟ କାରଣ କୁହାଯାଉ ଥିଲେ ମଧ୍ୟ ଲୋକଙ୍କ ସଚେତନତାର ଅଭାବ ଯୋଗୁଁ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା କୁହାଯାଉଛି। ତେବେ ବରଗଡର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସଭା ଓ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି। ମାତ୍ର ସରକାରୀ ସ୍ତରରେ ଗୁଟ୍‌ଖା, ସିଗାରେଟ ପରି ମାଦକ ଦ୍ରବ୍ୟର ପ୍ରଚାର ଯୋଗୁଁ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି, ଯାହାକୁ ନେଇ ଏବେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଜୀବନର ପ୍ରଥମ କବିତା ହେଉଛି ଶ୍ୱାସ: ଭି. କେ. ପାଣ୍ଡିଆନ୍

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

ଫେବୃୟାରୀ ୩ ତାରିଖରେ ଭୁବନେଶ୍ୱରରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ଏହାର ଅଂଶବିଶେଷ ଭାବେ କିଟ୍‌ରେ ୨ ଦିନିଆ ଓଡ଼ିଆ କବି ସମ୍ମିଳନୀ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ନରେ ଏହାର ସ୍ୱତନ୍ତ୍ର ଅଧିବେଶନରେ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ସଂସାରରେ ଜନ୍ମ ନେଉଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି। ଜୀବନର




ପ୍ରଥମ କବିତା ହେଉଛି ଶ୍ୱାସ। ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି। କବିତା ହେଉଛି ଜୀବନର ଅଂଶବିଶେଷ ବୋଲି ସେ କହିଥିଲେ। ମସ୍ତିଷ୍କ ବ୍ୟବହାର କରି ମଣିଷ ବିଭିନ୍ନ କ୍ଷେତ୍ରରେ ଅନେକ କିଛି କାମ କରିପାରିବେ, କିନ୍ତୁ କବିତା ହୃଦୟରୁ ପରିସ୍ଫୁଟ ହୋଇଥାଏ। ଆମେ ସମସ୍ତେ ଯେଉଁ କ୍ଷେତ୍ରରେ କାମ କରୁଛେ, ସେ କ୍ଷେତ୍ରରେ ଆମେ ଜଣେ ଜଣେ କବି। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ସ୍ୱରଚିତ ଓଡ଼ିଆ କବିତା ପାଠ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। (ପୃଷ୍ଠା ୭ରେ)

# ୨୦ରୁ ମାଟ୍ରିକ ପରୀକ୍ଷା : ୫,୫୧,୬୧୧ ଛାତ୍ରଛାତ୍ରୀ କରିଛନ୍ତି ଆବେଦନ

କଟକ, ୪।୨ : ନ୍ୟୁଜ୍ ବ୍ୟୁରୋ

ଫେବୃୟାରୀ ୨୦ ତାରିଖରୁ ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ଏହି ପରୀକ୍ଷାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ଏହି କ୍ରମରେ କପି ରୋକିବାକୁ ନୂଆ ଫର୍ମୁଲା ଆପଣାଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଏଣିକି ପରୀକ୍ଷା ପାଇଁ ଧାର୍ଯ୍ୟ ସମୟର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ ପରୀକ୍ଷାର୍ଥୀ। ଅର୍ଥାତ ସକାଳ ୯ଟାରେ ପରୀକ୍ଷା ଥିବା ବେଳେ ସାଢ଼େ ୭ଟାରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ




ଛଡ଼ାଯିବ। ୮ଟା ୧୫ମିନିଟ ପରେ ଆଉ କାହାକୁ ପରୀକ୍ଷା ହଲ୍‌କୁ ପ୍ରବେଶ ଅନୁମତି ମିଳିବ ନାହିଁ।

କେବଳ ସେତିକି ନୁହେଁ, ଏଥର ପ୍ରଥମଥର ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ନିଯୁକ୍ତ ହେବେ ପର୍ଯ୍ୟବେକ୍ଷକ। ପ୍ରଶ୍ନପତ୍ର ଆସିବାଠାରୁ ପରୀକ୍ଷା ଶେଷ ହୋଇ ଉତ୍ତରଖାତା ଯିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ପର୍ଯ୍ୟବେକ୍ଷକ ତଦାରଖ କରିବେ। ଏହି ଦାୟିତ୍ୱ ବିଇଓ, ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦିଆଯିବ। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ନେଇପାରିବେ ନାହିଁ।

ମାଧ୍ୟମିକ ଶିକ୍ଷା ପରିଷଦ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ସାଢ଼େ ୭ଟାରେ ପିଲାମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରି ନିଜ (ପୃଷ୍ଠା ୭ରେ)

# ବିଧାନସଭାରେ ଭାଷା ଆଇନ ଶୀର୍ଷକ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୨ : ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଧାନସଭାରେ ଭାଷା ଆଇନ ଶୀର୍ଷକ ପୁସ୍ତକ ଉନ୍ମୋଚନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୪୮ ମସିହାରେ ପ୍ରସ୍ତାବିତ ଭାଷା ଆଇନ ଆଲୋଚନାଠାରୁ ଆରମ୍ଭ କରି ୧୯୫୪ ଭାଷା ଆଇନ ପାରିତ ହେବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଧାନସଭାରେ ଭାଷା ଆଇନ- ୨୦୧୮ର ସଂଶୋଧନ ପର୍ଯ୍ୟନ୍ତ ବିଧାନସଭାରେ ହୋଇଥିବା ସମସ୍ତ ଆଲୋଚନା ଓ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, (ପୃଷ୍ଠା ୭ରେ)

# ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ୫-ଟି ଅଧ୍ୟକ୍ଷଙ୍କ ଗୁରୁମନ୍ତ୍ର

ପୁରୀ, ୪।୨ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲା ତାଳବଣିଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ଦେଖାଇଛନ୍ତି ସଫଳତାର ରାସ୍ତା। କାହିଁକି ଏ ନୂଆ ଓ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କରିଛନ୍ତି ଏହା କହିଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି, ଛାତ୍ରଛାତ୍ରୀମାନେ ସେମାନଙ୍କର ଜୀବନର ଏକ (ପୃଷ୍ଠା ୭ରେ)



## ତମାଖୁ ଓ ପାନ ମସଲାକୁ ନେଇ ବଦଳିଲା ନିୟମ ୧ ଏପ୍ରିଲରୁ ଲାଗୁ ହେବ ୧ ଲକ୍ଷ ଜରିମାନା

ନୂଆଦିଲ୍ଲୀ, ୪।୨

ପାନମସଲା, ଗୁଟଖା ଓ ତମାଖୁ ଉତ୍ପାଦ ପ୍ରସ୍ତୁତ କରୁଥିବା କମ୍ପାନୀମାନଙ୍କ ଉପରେ ୧ ଏପ୍ରିଲରୁ ମୋଟା ରକମର ଜରିମାନା ଲାଗିପାରେ। ଜିଏସଟି କାଉନସିଲ ପକ୍ଷରୁ ଏ ନେଇ ରବିବାର ନୂଆ ଆଡଭାଇଜରୀ ଜାରି ହୋଇଛି । ଯେଉଁଥିରେ ଏହି ସୂଚନା ଦିଆଯାଇଛି । (ପୃଷ୍ଠା ୭ରେ)

# ଓଡ଼ିଆ ଭାଷା-ଆମ ଜାତି ଅସ୍ମିତାର ପରିଚୟ



ଦୁର୍ଗାଚରଣ ଷଡଙ୍ଗୀ
ମୋ : ୯୪୩୮୫୩୫୫୭୭




ଭାଷା ଗୋଟିଏ ସମୁନ୍ନତ ଜାତିର ପ୍ରାଣ-ଐକ୍ୟ ଓ ପରିଚୟ। ଭାଷା ବିନା ଜାତି ଏକତା, ତା'ର ସଂସ୍କୃତି, ସଭ୍ୟତା, ପରମ୍ପରା ତିଷ୍ଠି ରହିପାରିବ ନାହିଁ। ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ ସେ ଜାତି ସେତେ ଗୌରବଶାଳୀ। ଭାଷାର ଶିଷ୍ଟତା, ଶ୍ରେଷ୍ଠତ୍ୱ ପ୍ରତିପାଦନ ହୁଏ ସେ ଜାତିର ସାହିତ୍ୟକୁ ନେଇ। ସାହିତ୍ୟ-ସଂସ୍କୃତି ଓ ପରମ୍ପରା ଉପରେ ଭାଷାର ପ୍ରଲେପ ଲାଗିଲେ ସେ ବେଳୁଁବେଳ ପରିଚ୍ଛନ୍ନ ଓ ସୁଦୂରପ୍ରସାରୀ ହୋଇଯାଏ। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ସମଗ୍ର ଭାରତ ବର୍ଷରେ ଭାଷାଭିତ୍ତିକ ଉନ୍ନତ ଜାତି ଭାବରେ ଆମ ରାଜ୍ୟ ଓଡ଼ିଶାକୁ ବାଦ୍ ଦିଆଯାଇ ପାରିବ ନାହିଁ। ଭାଷାକୁ ନେଇ ସମାଜ ଓ ସାହିତ୍ୟର ସୃଷ୍ଟି। ସାହିତ୍ୟରୁ ସଂସ୍କୃତି ହିଁ ଉଦ୍‌ଭବ ହୋଇ ଜାତିକୁ ପଥ ପ୍ରଦର୍ଶନ କରେ। ସାହିତ୍ୟ ଯେଉଁ ଜାତିର ଯେତେ ଉନ୍ନତ ସେ ଜାତିର ଗାରିମା ସର୍ବଦା ମହିମାମୟ। ସାହିତ୍ୟ ଗୋଟେ ସମୃଦ୍ଧ ଜାତିର ମୁହଁ ଦର୍ପଣ। ସାହିତ୍ୟ ପରିଚ୍ଛନ୍ନ ଓ ମନୋମୟ ହେଲେ ହିଁ ଭାଷା ଆହୁରି ସୁସଂହତ ହୋଇ ଭବିଷ୍ୟ କାଳକୁ ଅତିକ୍ରମଣ କରିବାରେ ସମର୍ଥ ହେବ। ସାହିତ୍ୟର ସଂଜ୍ଞା ନିରୂପଣ କଲେ ଆମକୁ ବୋଧହୁଏ ଯେ -ଜୀବନ ଓ ସୌନ୍ଦର୍ଯ୍ୟର ଫେଣ୍ଟାଫେଣ୍ଟି ନିଷ୍କର୍ଷ ହିଁ ସାହିତ୍ୟ। ସାହିତ୍ୟ ସର୍ବଦା ବିସ୍ତାରିତ ଏକ ଉଦ୍‌ଗମ। ନଈପରି ଛଳଛଳ-ଝରଣାର ଜଳ ପରି ସୁଶୀତଳ ଏକ ପ୍ରବାହମାନ ଧାରା ଯାହା ପୁରାତନ ଓ ବର୍ତ୍ତମାନର ଘଟଣା କ୍ରମକୁ ନିବିଡ଼ ଭାବରେ ବାନ୍ଧି ରଖେ।

ସାହିତ୍ୟ ସେତିକିବେଳେ କାଳଜୟୀ ହୋଇଥାଏ, ଯେତେବେଳେ ସାହିତ୍ୟ ସାଧକର ସର୍ଜନାର ଦିଗଗୁଡିକ ପ୍ରଭାବିତ ହୁଏ ଦେଶ-କାଳ-ପାତ୍ରକୁ ନେଇ। ସାଧକର ନିଷ୍ଠା-ଅନ୍ତର୍ଦୃଷ୍ଟି ଓ ସମସାମୟିକ କାଳ ଖଣ୍ଡର ଘଟଣାବଳୀଗୁଡ଼ିକ ଯେତେବେଳେ ତା'ର ମାନସପଟ୍ଟକୁ ରୋମନ୍ଥିତ କରନ୍ତି ସେତିକିବେଳେ ସୃଷ୍ଟ ସେଇ ସାହିତ୍ୟ ପ୍ରଭାବଶାଳୀ ହୋଇ କାଳାତିକ୍ରମଣ କରେ। ଭାବ-ଅନୁଭବ, ଭାଷା ଗୁମ୍ଫନ ଓ ପ୍ରକାଶ କରିବାର ଶୈଳୀ ହିଁ ସାହିତ୍ୟକୁ ଉନ୍ନତ ସାହିତ୍ୟ ସୃଷ୍ଟିର ମର୍ଯ୍ୟାଦା ପ୍ରଦାନ କରେ। ଯାହା ଅତୀତରୁ ଏଯାଏଁ ଆମ ସାହିତ୍ୟରେ ଘଟି ଆସିଛି। ପୁରାଣ ଠାରୁ ମନବୋଧ ଚୌତିଶା, ସାରଳା ଦାସଙ୍କ ମହାଭାରତଠାରୁ ଲକ୍ଷ୍ମୀପୁରାଣ, ପଞ୍ଚସଖାଙ୍କ ସନ୍ଥାଶ୍ରୟୀ ପଦାବଳୀଠୁଁ ଫକିର ମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ କି ଆଧୁନିକ ସବୁଜ କବିତା ଠାରୁ ରାଧାମୋହନ , ମାନସିଂହ କି ରମାକାନ୍ତ ରଥ, ମନୋଜ ଦାସଙ୍କ ଆଧିଦୈବିକ ଚେତନା ନିଷ୍କର୍ଷର ଭାବ ସାହିତ୍ୟ ଅଥବା ଚନ୍ଦ୍ର ଶେଖର-ମହାପାତ୍ର ନୀଳମଣିଙ୍କ ଚେତନା ପ୍ରସୂତ ସମୃଦ୍ଧ ସାହିତ୍ୟର ରାଶି ରାଶିକାବ୍ୟ କବିତା ଉପନ୍ୟାସ ଆଦି ବିଂଶ ଶତାବ୍ଦୀର ସାହିତ୍ୟ ଦରବାରକୁ ଯେ ମହିମାମଣ୍ଡିତ କରି ପାରିଛି, ଏହା ଆମ ପାଇଁ କମ ଗୌରବର କଥା ନୁହେଁ। ମାତ୍ର ଏକବିଂଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଆ ସାହିତ୍ୟ ଆଉ ସେତେବେଶି ପାଠକାଦୃତ ହୋଇପାରି ନାହିଁ ବୋଲି ବିଚାର କରିବାକୁ ହେବ। ଏ କ୍ଷେତ୍ରରେ କେବଳ ସାହିତ୍ୟ ସାଧକର ନିଷ୍ଠା-ଦୃଷ୍ଟିଭଙ୍ଗୀ ଓ ଜାତି ମନସ୍କତା ହିଁ ବାଧକ ସାଜିଛି। ସେସବୁକୁ ପ୍ରତିରୋଧ କରିପାରି ଆନ୍ତରିକ ଆଗ୍ରହ ସହିତ ସାଧକଟି ଜାତିସାହିତ୍ୟ (ପୃଷ୍ଠା ୭ରେ)



# ଦାରିଙ୍ଗିବାଡିରେ ବିଭିନ୍ନ ପ୍ରକଳ୍ପ କାମ ଅନୁଧ୍ୟାନ କଲେ ଉପଜିଲ୍ଲାପାଳ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କାର୍ଯ୍ୟାଳୟରେ ନବନିଯୁକ୍ତି ଉପଜିଲାପାଳ ଡ. ରୀନା ପ୍ରଧାନ ଶୁକ୍ରବାର ଦାରିଙ୍ଗବାଡ଼ି ଗସ୍ତ କରି ଅଚାନକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କାର୍ଯ୍ୟକୁ ବୁଲିଦେଖିଛନ୍ତି। ଏଥିସହ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସେହିପରି ଡ. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ପରିଦର୍ଶନ କରିଛନ୍ତି। ସେହିପରି ଆସନ୍ତା ସାଧାରଣ



ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ଯେଉଁ ସବୁ ବିଦ୍ୟାଳୟରେ ବୁଥ୍ ? କରାଯିବାକୁ ଯୋଜନା କରାଯାଇଛି ସେଗୁଡ଼ିକ ମଧ୍ୟରୁ ଡବେରୀ ସେବାଶ୍ରାମ, ବୁର୍ଜୁବାଡି ବିଦ୍ୟାଳୟକୁ ଯାଇ ବୁଲି ସେଠାକାର ପରିସ୍ଥିତି ଓ ମତଦାତାଙ୍କ ସୁବିଧା ଆଦି ଦେଖିଥିଲେ। ପରେ ଦାରିଙ୍ଗବାଡ଼ି ଅଞ୍ଚଳରେ ହୋଇଥିବା ଷ୍ଟ୍ରବେରୀ ଚାଷଜମିକୁ ବୁଲି ଦେଖିବା ସହ ଏହି ଚାଷ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ କାର୍ଯ୍ୟରେ ଯୋଗଦେବା ପରେ ଏହା ଦାରିଙ୍ଗବାଡ଼ିକୁ ତାଙ୍କର ପ୍ରଥମ ଗସ୍ତ ବୋଲି ଜଣାପଡ଼ିଛି। ତାଙ୍କ ସହ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର ଓ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ ସିଟି ସ୍କାନ ମାମଲା

# ସରକାରଙ୍କଠୁ ଜବାବ ତଲବ କଲେ ହାଇକୋର୍ଟ

**କଟକ,ନ୍ୟୁଜ ବ୍ୟୁରୋ**

କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ କେବେ ସୁଦ୍ଧା ପେଟ୍ ସିଟି ସ୍କାନ ବ୍ୟବସ୍ଥା କରାଯିବ ସେନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି ଓଡ଼ିଶା ହାଇକୋର୍ଟ । ବିଶେଷକରି ଝାରସୁଗୁଡ଼ା ସହିତ ଅନ୍ୟ ୪ଟି ସହରରେ କେବେ ଏହି ବ୍ୟବସ୍ଥା କରାଯିବ ସେନେଇ ଜବାବ ତଲବ କରିଛନ୍ତି । ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାରେ ପେଟ୍ ସିଟି ସ୍କାନ ସ୍ଥାପନ ସମ୍ପର୍କିତ ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱର ସହ ନେଇଛନ୍ତି କୋର୍ଟ । ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ର(ଏଏଚଆରସି)ରେ ପେଟ୍ ସିଟି ସ୍କାନ ସୁବିଧା ଉପଲବ୍ଧ ହୋଇଥିଲା । ତେବେ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଓ ଝାରସୁଗୁଡାରେ ଏହି ସୁବିଧା ଉପଲବ୍ଧ ଦିଗରେ ରାଜ୍ୟ ସରକାର ସାନି ସମୀକ୍ଷା କରିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ । ଝାରସୁଗୁଡା ସମେତ ଅନ୍ୟ ସହରଗୁଡିକରେ କେବେ ପେଟ୍ ସିଟି ସ୍କାନ ସୁବିଧା ଉପଲବ୍ଧ ହୋଇପାରିବ ତାହାକୁ ସତ୍ୟପାଠ ଜରିଆରେ ଜଣାଇବାକୁ



ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଂଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନିତା ବୁଢିଆଙ୍କ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଝାରସୁଗୁଡା ଓ ବ୍ରହ୍ମପୁରକୁ ଦିଲ୍ଲୀ କିମ୍ବା ମୁମ୍ବାଇରୁ ସିଧାସଳଖ ବିମାନ ସେବା ନଥିବାରୁ ପେଟ୍ ସିଟି ସ୍କାନ ପାଇଁ ଆବଶ୍ୟକ ରେଡିଓ ଆଇସୋଟପ ସ୍ଥାନାନ୍ତର ସମସ୍ୟା ରହିଥିବା ନେଇ ପୂର୍ବରୁ ଏକ ସତ୍ୟପାଠ ଜରିଆରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ଆଇନଜୀବୀ ଦର୍ଶାଇ ଥିଲେ ଯେ, ଝାରସୁଗୁଡାକୁ ବିମାନ ସେବା ଉପଲବ୍ଧ ଅଛି । ହାଇକୋର୍ଟ ଝାରସୁଗୁଡା ସମେତ ୪ ସହରର ହସ୍ପିଟାଲରେ କେବେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବ ସେନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଅନିତା ବୁଢିଆ ପେଟ୍ ସିଟି ସ୍କାନ ବ୍ୟବସ୍ଥା ନେଇ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ମୃତ୍ୟୁ ହୋଇଯାଇଥିଲା । ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କର୍କଟ ଚିକିତ୍ସା କେନ୍ଦ୍ରରେ ପେଟ୍ ସିଟି ସ୍କାନ ମେସିନ କାର୍ଯ୍ୟକ୍ଷମ ହୋଇଥିଲା । ତେବେ ଆସନ୍ତା ଏକ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଛାତ୍ରଛାତ୍ରୀଙ୍କ ସମାବେଶ

**ବାରିପଦା, ନ୍ୟୁଜ ବ୍ୟୁରୋ**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ସେଲ ଓ ରିସର୍ଚ୍ଚ କ୍ଲବ୍‌ର ମିଳିତ ଆନୁକୁଲ୍ୟରେ ଆୟୋଜିତ ଗବେଷଣାରତ ଛାତ୍ରଛାତ୍ରୀଙ୍କର ଏକ ଭବ୍ୟ ସମାବେଶ ଉଦ୍‌ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ 'ରିସର୍ଚ୍ଚ ସ୍କଲାର୍ସ କନ୍‌କ୍ଲେଭ୍ ୨୦୨୪' ଶୀର୍ଷକ ଏହି ସମାବେଶରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କୁ ନୂତନ ଉଦ୍ଭାବନର ଉଦ୍ଦେଶ୍ୟରେ ଗବେଷଣାରେ ବ୍ରତୀ ହେବା ପାଇଁ ଆହ୍ୱାନ କରିଥିଲେ ଏବଂ ସ୍ମାର୍ଟଫୋନ୍‌ର ସଫଳ ବ୍ୟବହାର ସହିତ ଲାଇବ୍ରେରୀରେ ଉପଲବ୍ଧ ପୁସ୍ତକ ଓ ପତ୍ରିକାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମାବେଶରେ ବହୁ ସଂଖ୍ୟାରେ ଗବେଷକ ଗବେଷିକା ଯୋଗ ଦେଇଥିବାରୁ ସେ ଆୟୋଜକ ମଣ୍ଡଳୀଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ଭୁବନେଶ୍ୱରସ୍ଥିତ ଖଣିଜ ଓ ପଦାର୍ଥ ପ୍ରଦୌଗିକ ସଂସ୍ଥାନର ମୁଖ୍ୟ ବୈଜ୍ଞାନିକ ଡ. ବଙ୍କିମ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏଭଳି ଏକ ଗବେଷଣା ସମାବେଶ ଆୟୋଜନ ଦିଗରେ ବିଶ୍ୱବିଦ୍ୟାଳୟର ଅଭିନବ ପ୍ରୟାସର ପ୍ରଶଂସା କରିଥିଲେ ଓ ଛାତ୍ରଛାତ୍ରୀ ମାନେ ନିଜ ଗବେଷଣାକୁ ଉପସ୍ଥାପନା କରିବା ତଥା ଅନ୍ୟ ଗବେଷକ ଓ ଶିକ୍ଷକ ମାନଙ୍କ ସହ ଭାବ ବିନିମୟ କରିବା ପାଇଁ ଏଭଳି ସମାବେଶ ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ସେଲ୍‌ର ମୁଖ୍ୟ ତଥା ଆବାହକ ପ୍ରଫେସର ପ୍ରମୋଦ କୁମାର ଶତପଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ-ଆବାହକ ପ୍ରଫେସର କବିତା କୁମାରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ରିସର୍ଚ୍ଚ କ୍ଲବ୍‌ର ସଂଯୋଜିକା ଡ. କୁକୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରେ କୁଳପତି ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ପୋଷ୍ଟର ଉପସ୍ଥାପନା ଷ୍ଟଲ୍ ଗୁଡ଼ିକର ଉଦ୍‌ଘାଟନ କରିଥିଲେ ଓ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଠାରୁ ତାଙ୍କ ଗବେଷଣା ସମ୍ପର୍କରେ ପଚାରି ବୁଝିଥିଲେ । ବିଶ୍ୱବିଦ୍ୟାଳୟର ପ୍ରାୟ ସମସ୍ତ ବିଭାଗର ୨୦୦ରୁ ଉର୍ଦ୍ଧ୍ୱ ପୋଷ୍ଟର ଉପସ୍ଥାପନା କରାଯାଇଥିଲା । ବିଚାରକ ରୂପେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ର. ସୂର୍ଯ୍ୟେନ୍ଦୁ କୁମାର ଦେ, ଡ. ଭାସ୍କର ବେହେରା, ଡ. ପଙ୍କଜ କୁମାର ପାଢ଼ୀ, ଡ. ସନ୍ତୋଷ କୁମାର ଅଗ୍ରୱାଲା, ଡ. ଅଶାନ୍ତ ରଞ୍ଜନ ରାଉତରାୟ, ପ୍ର. ସୁନିଲ୍ କୁମାର ପାଢ଼ୀ, ଡ. ଜ୍ୟୋତିଶଙ୍କର ପ୍ରଧାନ, ପ୍ର. ସୁବାଶ ଦାଶ ଓ ଡ. ଦେବାଶିଷ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ଉଦ୍‌ଯାପନୀ ସମାରୋହରେ ଶ୍ରେଷ୍ଠ ଉପସ୍ଥାପକ/ଉପସ୍ଥାପିକା ମାନଙ୍କୁ ପୁରସ୍କାର ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ତାଲିକାରେ ମେଡ଼ିକାଲ୍ କ୍ୟାମ୍ପସ୍ ଉଚ୍ଚ ବିଦ୍ୟାଳୟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ତାଲିକା ପ୍ରକାଶ ପାଇଛି । ସେଥି ମଧ୍ୟରୁ ରାଜ୍ୟରେ ଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ତାଲିକା ମଧ୍ୟରେ ବ୍ରହ୍ମପୁର ମେଡ଼ିକାଲ୍ କ୍ୟାମ୍ପସସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି । ଚଳିତ ମାସ ୩୧ ତାରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ଼. ପ୍ରଭାତୀ କୁମାରୀ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବାବଦକୁ ୧୦ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ଉକ୍ତ ଟଙ୍କା ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶ ବ୍ୟବହାର କରାଯିବ । ଏଥି ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ତାଲିକାରେ ପ୍ରଥମ ସ୍ଥାନରେ ବଲାଙ୍ଗୀର ଜିଲ୍ଲାର ପାଇକମାଲ ବ୍ଲକର ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଦ୍ୱିତୀୟ ସ୍ଥାନ ପୁରୀ ଜିଲ୍ଲା ବିଦ୍ୟାଳୟ ରହିଛି । ସେହିପରି ଅଷ୍ଟମ ସ୍ଥାନରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମେଡ଼ିକାଲ୍ କ୍ୟାମ୍ପସସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି । ରାଜ୍ୟସ୍ତରୀୟ ମାଧ୍ୟମିକ ଶିକ୍ଷକ ସମ୍ମାନ ନିମନ୍ତେ ପ୍ରତ୍ୟେକ ବିଷୟରେ ୧୦ ଶିକ୍ଷକ ମନୋନୀତ ହୋଇଛନ୍ତି । ସେଥି ମଧ୍ୟରୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ଦାସକୁ ରାଜ୍ୟସ୍ତରୀୟ ମାଧ୍ୟମିକ ଶିକ୍ଷକ ସମ୍ମାନ ପାଇଁ ଚୟନ ହୋଇଛନ୍ତି । ଏଥି ନିମନ୍ତେ ୪୦ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ଏଲହାର ସହ ଜିଲ୍ଲା ସ୍ତରୀୟ ମାଧ୍ୟମିକ ଶିକ୍ଷକ ସମ୍ମାନ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ କମା କାମଲ କୁମାରୀ ପଟ୍ଟନାୟକ ଚୟନ ହୋଇଛନ୍ତି । ପୁରସ୍କାର ବାବଦକୁ ତାଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ । ଶିକ୍ଷକମାନଙ୍କ ପାଠ ପଢ଼ାଇବା ଶୈଳୀ, ବିଦ୍ୟାର୍ଥୀଙ୍କ ଶିକ୍ଷାର ଉନ୍ନତିକରଣ ପାଇଁ ଶିକ୍ଷକଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ଆଧାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି ।

# କୋର୍ଟପେଟା ସ୍କୁଲ ପରିଦର୍ଶନ କରିଲେ ଆରଡ଼ିସି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଆଇଏଏସ୍ ଅଧିକାରୀ ରଞ୍ଜନ କୁମାର ଦାସ ତାଙ୍କ ହାଇସ୍କୁଲ ଜୀବନ ବ୍ରହ୍ମପୁରରେ ବିତାଇଥିଲେ । ୧୯୭୮ ମସିହାରେ ସ୍ଥାନୀୟ କୋର୍ଟପେଟା ସହିଦ୍ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସମ୍ପ୍ରତି ସେ ଦକ୍ଷିଣାଞ୍ଚଳର ଆରଡ଼ିସି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କୋର୍ଟପେଟା ସ୍କୁଲ ପରିଦର୍ଶନ କରିଥିଲେ । ପୁରୁଣା ଦିନର ସ୍ମୃତି ସାଉଁଟିବା ସହ ସରକାରଙ୍କ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖି ପ୍ରଶଂସା କରିଥିଲେ । ଏତେ ବର୍ଷ ପରେ ଏଠାକୁ ଆସିବାର ସୁଯୋଗ ପାଇବାରୁ ସେ ଖୁସିବ୍ୟକ୍ତ କରିଛନ୍ତି । ପିଲାମାନଙ୍କ ସହ ଆଲୋଚନା କରିବା ସହ ପାଠ ପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ । ପିଲାମାନେ କୃତିତ୍ୱ ଅର୍ଜନ କରନ୍ତୁ ଆଗକୁ ଯାଆନ୍ତୁ ବୋଲି ସେ କହିଥିଲେ । ସ୍ମାର୍ଟ କ୍ଲାସରୁମରେ ପିଲାମାନେ ପଢ଼ିବାର ସୁବିଧା ପାଇ ପାରିଛନ୍ତି । ଆଶା ଓ ଆକାଂକ୍ଷା ପରିବର୍ତ୍ତନ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି ।

# ଗାଡ଼ି ଧୂଆଁକୁ ନେଇ ବୃଦ୍ଧ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

**କଟକ, ନ୍ୟୁଜ ବ୍ୟୁରୋ**

ବୃଦ୍ଧ ଦମ୍ପତିଙ୍କୁ ଆକ୍ରମଣ । ଟାଟା ଏସି ଗାଡିରୁ ଧୂଆଁ ବାହାରିବାକୁ କେନ୍ଦ୍ରକରି ବୃଦ୍ଧ ଦମ୍ପତିଙ୍କୁ ଟାଙ୍ଗିଆରେ ଆକ୍ରମଣ । ଯାହାଫଳରେ ଉଭୟ ଆହତ ହୋଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସାଲେପୁର ଥାନା ଅନ୍ତର୍ଗତ ଧୂଆଁସାହି ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ସାଲେପୁର ଥାନା ଅନ୍ତର୍ଗତ ଧୂଆଁସାହି ଗାଁର ବିଜୟ ସ୍ୱାଇଁଙ୍କ ଟାଟାଏସି ଗାଡ଼ି ଘର ନିକଟରେ ରହିଥିଲା। ଶୁକ୍ରବାର ସକାଳୁ ଉକ୍ତ ଗାଡ଼ିଟିକୁ ତାଙ୍କ ଡ୍ରାଇଭର ଷ୍ଟାର୍ଟ କରିବା ସମୟରେ ଗାଡିରୁ ଧୂଆଁ ବାହାରିଥିଲା। ଏଥିରେ ପଡୋଶୀ ବିଜୟ ଭୂୟାଁ ହଠାତ୍ ଉତକ୍ଷିପ୍ତ ହୋଇ ବୃଦ୍ଧ ଦମ୍ପତିଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଘରେ ପଶି ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ବୃଦ୍ଧ ବିଜୟ ସ୍ୱାଇଁ (୬୫)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କ ପତ୍ନୀ ବିଦ୍ୟୁଲତା ସ୍ୱାଇଁ (୬୦)ଙ୍କ ହାତରେ ଗଭୀର ଆଘାତ ଲାଗିଛି । ଉଭୟ ଗୁରୁତର ଆହତ ହୋଇ ସାଲେପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି।

# ବାଲି ଚୋରା ଚାଲାଣ : ୩ ଗାଡି ଅଟକ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଗୁରୁବାର ବିଳମ୍ବିତ ରାତିରେ ଗୋଡିସାହି ଫାଣ୍ଡି ପୋଲିସ ବେଆଇନ ଭାବେ ଚୋରାରେ ବାଲିଚାଲଣ କରୁଥିବା ୩ଟି ହାଇୱାକୁ ଜବତ କରିଛି। ବିଳମ୍ବିତ ରାତିରେ ଗୋଡିସାହି ଫାଣ୍ଡି ପୋଲିସ ଫାଣ୍ଡି ସାମ୍ନାରେ ବ୍ଲକିଂ କରୁଥିବା ବେଳେ ଏହି ୩ଟି ବାଲି ବୋଝେଇ ହାଇୱା ଗୋଡିସାହି ପଟକୁ ଆସୁଥିବା ବେଳେ ପୋଲିସ ସେ ଗୁଡିକୁ ରୋକିଥିଲା। କିନ୍ତୁ ଗାଡି ଚାଳକ ବାଲି ପରିବହନ ନିମନ୍ତେ ଆବଶ୍ୟକତା ଥିବା କାଗଜପତ୍ର ଦେଖାଇ ନପାରିବାରୁ ଗାଡି ଗୁଡିକୁ ଜବତ କରି ଲଘୁଖଣିଜ ଅଧିକାରୀଙ୍କୁ ଶୁକ୍ରବାର ସକାଳେ ହସ୍ତାନ୍ତର କରିଥିଲେ। ସବୁଠାରୁ ବଡକଥା ହେଲା ଗୋଡିସାହି ଫାଣ୍ଡି ଠାରୁ କେଇ ହାତଦୂରରେ ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଥିଲେ ମଧ୍ୟ ବେଆଇନ ଭାବେ ଲଘୁଖଣିଜ ପଦାର୍ଥ ଚୋରାରେ ଚାଲଣ ହେଉଥିବା ବିଷୟରେ କିପରି ସେମାନେ ଜାଣି ପାରୁ ନାହାନ୍ତି ଅଥଚ ପୋଲିସ ଜାଣିବାକୁ ପାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦଶମ ବୋର୍ଡ ପରୀକ୍ଷା ପାଇଁ ଜିଲ୍ଲାପାଳ କଲେ 'ପରୀକ୍ଷା ପେ ଚର୍ଚ୍ଚା'

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଫେବୃଆରୀ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା। ଏହି ପରିପ୍ରେକ୍ଷୀରେ ଜିଲ୍ଲପାଳ ଶ୍ରୀମତୀ ପାରୁଲ ପଟାୱରି ଆଭାସୀ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟ କ୍ରମରେ ଯୋଡିହୋଇ, ପରୀକ୍ଷା ସମୟରେ ଚାପର ବଶବର୍ତ୍ତୀ ନ ହୋଇ, ଆତ୍ମବିଶ୍ୱାସର ସହ ପରୀକ୍ଷା ଦେଇ ଜିଲ୍ଲା ପାଇଁ ଗୌରବ ଆଣିବାକୁ ଉପଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ସବୁବେଳେ ଆଗୁଆ ଜିଲ୍ଲା ଭାବେ ପରିଚିତ ଜଗତସିଂହପୁର ଜିଲ୍ଲା କୁ ଏ ବର୍ଷ ମଧ୍ୟ ମାଟ୍ରିକ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରୀ ବୋର୍ଡ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିବା ସହ ଡାଉଟ କ୍ଲିଅରିଂ ମାଧ୍ୟମରେ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ । ପରେ ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟ, ବାଲିକୁଦା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ,ଅଲଣାହାଟ ଉଚ୍ଚ ବିଦ୍ୟାଳୟ ,ନାଉଗାଁ, ଏମ୍ ଏସ୍ ଏକାଡେମୀ, ତିର୍ତ୍ତୋଲ, ଅଣଖିଆ ଉଚ୍ଚ ବିଦ୍ୟାଳୟ, ବିରିଡ଼ି,ଏରସମା ନୋଡାଲ ଉଚ୍ଚ ବିଦ୍ୟାଳୟ, ସଂଜୟ ଗାନ୍ଧୀ ନୋଡାଲ ବିଦ୍ୟାପୀଠ, ପାରାଦ୍ୱୀପ ଗଡ, ଆଦି ର ଛାତ୍ର ଛାତ୍ରୀ ମାନଙ୍କ ସହିତ କଥା ହୋଇ ସେମାନଙ୍କ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ବୁଝିବା ସହ ଶେଷ ୧୮ ଦିନ ସୋସିଆଲ ମିଡିଆ, ଟେଲିଭିଜନ ଆଦିରୁ ଦୂରରେ ରହି ପାଠ ପଢାରେ ମନୋନିବେଶ କରିବା ପାଇଁ ବୁଝାଇଥିଲେ । ୫ଟି ରୂପାନ୍ତରିକରଣ ପରେ ସ୍ମାର୍ଟ କ୍ଲାସ ରେ ପାଠ ପଢା ଭଲ ଲାଗୁଛି ବୋଲି ଅଭିଜ୍ଞତା ବାଢିଥିଲେ ବିଦ୍ୟାର୍ଥୀ ମାନେ। ଶେଷରେ ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଇ ଭଲ ନମ୍ବର ରଖିବା ସହ ଜିଲ୍ଲାକୁ ଗୌରବାନ୍ୱିତ କରିବା ପାଇଁ କହିଥିଲେ ଜିଲ୍ଲାପାଳ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାଜଶ୍ରୀ ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ସମଗ୍ର ଶିକ୍ଷାର ସିନିୟର ଟେକ୍ନିକାଲ କନସଲଟାଣ୍ଟ ଶ୍ରୀ ଶୁଭେନ୍ଦୁ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

**ଭୂ - ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, କଟକ**

ନୋଟିସ୍ XXXIII-25

ଆଦେଶ -୫ ନିୟମ -୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା.-୧୯୦୮ ଅନୁଯାୟୀ

ଏଲ.ଏ. କେସ୍ ନଂ-୧୮୦/୨୦୧୯

ଭୂମି ଅଧଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ........ଆବେଦନକାରୀ

ବନାମ

୧.ପ୍ରମିଳା ଭୂୟାଁ, ସ୍ୱାମୀ-ଲକ୍ଷ୍ମୀଧର ଭୂୟାଁ, ୨. କାଦମ୍ବିନୀ ଭୂୟାଁ, ପିତା-ଲକ୍ଷ୍ମୀଧର ଭୂୟାଁ, ସା-ଦାରୁଠେଙ୍ଗ ୩.ବିରଂଚି ନାରାୟଣ ଗୌଡ଼, ପିତା-କାଶିନାଥ ଗୌଡ଼, ମାର୍ଫତ - ନିମାଇଁ ଚରଣ ରାଉତ, ସା-ପ୍ଲଟନଂ- ୨୧/୫, ଭୀମପୁର, ୟୁନିଟ-୬, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୪. ମୀନତୀ ପ୍ରଧାନ, ସ୍ୱାମୀ- ପ୍ରଫୁଲ୍ଲ କୁମାର ପ୍ରଧାନ, ସା-ପ୍ଲଟ ନଂ-୧୭୮୯/୧୭,ନୂଆସାହି, ପୋ/ଥାନା-ନୟାପଲ୍ଲୀ, ଜିଲ୍ଲା-ଖୋର୍ଦ୍ଧା, ୫.ନୃସିଂହ ଚରଣ ସାହୁ, ୬.ସୁଶାନ୍ତ କୁମାର ସାହୁ, ୭.ସୁବ୍ରତ କୁମାର ସାହୁ, ୮.ଶରତଚନ୍ଦ୍ର ସାହୁ, ପିତା-ଧୁର୍ଯ୍ୟୋଧନ ସାହୁ, ମାର୍ଫତ -ନିମାଇଁ ଚରଣ ସାହୁ, ସା-ପ୍ଲଟନଂ-୨୧/୫, ଭୀମପୁର, ୟୁନିଟ-୬, ଭୁବନେଶ୍ୱର, ୯. ମୋହିନୀ ସେନାପତି, ସ୍ୱାମୀ-ସଲିଳ କୁମାର ସାହୁ, ସା/ପୋ-ସରସରା, ଥାନା-ଟିକାୟତପଲ୍ଲୀ, ଜିଲ୍ଲା- ସୁନ୍ଦରଗଡ଼, ୧୦.ସସ୍ମିତା ମହାରଣା,ସ୍ୱାମୀ-ଭୀମସେନ ମହାପାତ୍ର, ୧୧.ମଧୁସ୍ମିତା ମହାରଣା,ସ୍ୱାମୀ-ସୁଶାନ୍ତ ମହାରଣା, ସା-ବି-୧/୧୩, ଲିଙ୍ଗରାଜ ବିହାର, ପୋଖରୀପୁଟ, ଥାନା-ଏୟାରଫିଲ୍ଡ, ଭୁବନେଶ୍ୱର, ୧୨.ସମିନା ବେହେରା, ସ୍ୱାମୀ-ସରତ ସାହୁ, ସା-ତୁଳସୀ ବିହାର କମ୍ପ୍ଲେକ୍ସ,ଶୈଳେଶ୍ରୀ ବିହାର ,ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୧୩.ବନ୍ଦିତା ମଂଜରୀ ସାହୁ,ସା-ପାଟେଣୀ,ପୋ-କେନ୍ଦୁପାଲ୍ଲୀ,ଥାନା-ବୈଦେଶ୍ୱର,ଜିଲ୍ଲା- କଟକ,୧୪.ଚର୍ତୁଭୁଜ ଭୂୟାଁ,ପିତା-ହରେକୃଷ୍ଣ ଭୂୟାଁ, ୧୫ ଏ. କାଦମ୍ବିନୀ ରାଉତ, ୧୫ ବି. ସରୋଜିନି ଭୂୟାଁ, ୧୫ ସି. ଶୁଭେନ୍ଦୁ ଭୂୟାଁ, ମାର୍ଫତ୍- ପ୍ରଭାକର ଭୂୟାଁ, ୧୬.ବାନାମ୍ବର ଭୂୟାଁ, ପିତା- ବୀର ଭୂୟାଁ,ସା/ପୋ-ଦାରୁଠେଙ୍ଗ,ଥାନା-ଚନ୍ଦକା,ଜିଲ୍ଲା-ଖୋର୍ଦ୍ଧା, ୧୭.ଗୀତାଞ୍ଜଳୀ ଭୂୟାଁ,ସ୍ୱାମୀ-ରୂପନାଥ ଭୂୟାଁ,ସା/ପୋ-ଦାରୁଠେଙ୍ଗ,ଥାନା-ଚନ୍ଦକା,ଜିଲ୍ଲା- ଖୋର୍ଦ୍ଧା, ୧୮.ସୁରଜ କୁମାର ତ୍ରିପାଠୀ,ପିତା-ପିତବାସ ତ୍ରିପାଠୀ,ସା-ପ୍ଲଟନଂ-ଏମ.ଆଇ.ଜି.-୨୦,ଷ୍ଟେଜ୍-୨,ସା/ପୋ/ଥାନା-ଲକ୍ଷ୍ମୀସାଗର,ଭୁବନେଶ୍ୱର ଜିଲ୍ଲା - ଖୋର୍ଦ୍ଧା, ୧୯.ସସ୍ମିତାରାଣୀ ଜେନା, ସ୍ୱାମୀ-ଅକ୍ଷୟ କୁମାର ଜେନା, ସା-ବାଲିପଡ଼ା, ପୋ-ଦାଢା,ଥାନା- ନନ୍ଦନକାନନ,ଜିଲ୍ଲା ଖୋର୍ଦ୍ଧା, ୨୦.କାଦମ୍ବିନୀ ଭୂୟାଁ,ପିତା-ଲକ୍ଷ୍ମୀଧର ଭୂୟାଁ,ସା-ଦାରୁଠେଙ୍ଗ, ୨୧. ପ୍ରମୋଦ ପାଲଟାସିଂ,ପିତା-ବାମଦେବ ପାଲଟାସିଂ,ସା-ଦାରୁଠେଙ୍ଗ, ୨୨.ରୂପାନାଥ ଭୂୟାଁ, ପିତା- ବାନାମ୍ବର ଭୂୟାଁ, ସା/ପୋ-ଦାରୁଠେଙ୍ଗ,ଥାନା-ଚନ୍ଦକା,ଜିଲ୍ଲା-ଖୋର୍ଦ୍ଧା, ୨୩.ଅଶୋକ କୁମାର ଦାସ,ପିତା-ପୂର୍ଣ୍ଣଚନ୍ଦ୍ର ଦାସ, ସା- ପ୍ଲଟନଂ- ୮୭୫,ଲକ୍ଷ୍ମୀସାଗର,ପୋ-ବୁଦ୍ଧେଶ୍ୱରୀ,ଥାନା-ଲକ୍ଷ୍ମୀସାଗର,ଭୁବନେଶ୍ୱର, ୨୪.ଶ୍ରୀଧର ମହାନ୍ତି,ପିତା- ଭାଗ୍ୟଧର ମହାନ୍ତି,ସା/ପୋ-ଦାରୁଠେଙ୍ଗ,ଥାନା- ଚନ୍ଦକା,ଜିଲ୍ଲା-ଖୋର୍ଦ୍ଧା,୨୫.ଅମର କୁମାର ଦାସ , ପିତା- ପୂର୍ଣଚନ୍ଦ୍ର ଦାସ, ସା-ପ୍ଲଟନଂ-୮୭୫,ଲକ୍ଷ୍ମୀସାଗର, ପୋ-ବୁଦ୍ଧେଶ୍ୱରୀ, ଥାନା-ଲକ୍ଷ୍ମୀସାଗର, ଭୁବନେଶ୍ୱର .........ବିରୋଧି ପକ୍ଷମାନେ ।

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ,ଥଇଥାନ ଏବଂ ପୂର୍ବବସତି ପ୍ରାଧିକାରୀ ଅଦାଲତ,ସି.ବି.- ୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ ୧୮୦/ ୨୦୧୯,ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ସୁନ୍ଦରପୁର,ଖାତା ନଂ- ୩୩.ପ୍ଲଟ ନଂ- ୫୦୯,ରକବା ଏ୦.୨୨୦ଡ଼ି, ଅଟେ । **ଉକ୍ତ ବିରୋଧ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ** । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା ୨୦. ୦୨.୨୦୨୪ ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଅର୍ଥରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୁ-ଅର୍ଜନ ଥଇଥାନ ଏବଂ ପୂର୍ନବସତି ପ୍ରାଧୀକାରୀ, ଅଦାଲତ, କଟକଙ୍କ ଦସ୍ତଖତ୍ତ ଏବଂ ସେହି ମୋହର ସହ ଦିନାଙ୍କ ତା ୧୧.୧୨.୨୦୨୩ରିଖ।

ପ୍ରିଜାଇଡିଂ ଅଫିସର

OIPR-24351/14/0026/2324 ଭୁ-ଅର୍ଜନ ଥଇଥାନ ଏବଂ ପୂର୍ନବସତି ପ୍ରାଧୀକାରୀ, ଅଦାଲତ, କଟକ

# ଜାରକାରେ ଯୁବ-ଛାତ୍ର ବିଜେଡିର ଚାରିଚକିଆ ଗାଡି ଶୋଭାଯାତ୍ରା

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଏକ ବିଶାଳ ଚାରି ଚକିଆ ଗାଡି ଜାରକା ବିଜେଡି କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ଯୁବ-ଛାତ୍ର ବିଜେଡି, ଧର୍ମଶାଳା କର୍ମକର୍ତ୍ତାମାନେ ଚକ୍ରଧରପୁର ପଞ୍ଚାୟତରେ ତୁମ୍ଭେ ବି ହେବି ନବୀନ ଓଡିଶାର ସାରଥୀ, ଧର୍ମଶାଳା ରେ ପ୍ରଣବଙ୍କ ସାଥୀନ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ର ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବ୍ଲକ୍ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାଲର୍ସ ୱିଙ୍ଗ ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲ୍ଲିକ୍,



ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଧଳ ସଭା ସ୍ଥଳରେ ପହଞ୍ଚି ଆନୁଷ୍ଠାନିକ ଭାବେ ଧର୍ମଶାଳା ର ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଉକ୍ତ ସଭାରେ ୧୧ନଂ ଜୋନ ଜିଲ୍ଲା ପରିଷଦ ସୁଧାଶୁଂ ଭୂଷଣ ସାହୁ, ସାସଂଦଙ୍କ ପ୍ରତିନିଧି ଉତ୍କଳ ଦାସ, ଜୋନ ସଂଯୋଜକ ବିକାଶ ଦାସ, ଚକ୍ରଧରପୁର ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ସରୋଜିନୀ ନାୟକ, ସମିତିସଭ୍ୟ ସୌମ୍ୟରନ ସାହୁ, ଜୋନ-୧୧ ଯୁବ ବିଜେଡି ସଭାପତି ଜୟନ୍ତ ଜେନା, ଛାତ୍ର ବିଜେଡି ସଭାପତି ଜ୍ଞାନରନ ସାହୁ ଯୋଗଦେଇଥିଲା ବେଳେ ଯୁବ ବିଜେଡି ସଭାପତି ଶ୍ରୀ ନାୟକ ଚକ୍ରଧରପୁର ପଞ୍ଚାୟତରେ ଉପସ୍ଥିତ ଥିବା ହଜାର ହଜାର ଯୁବ-ଛାତ୍ର ମାନଙ୍କୁ ସଙ୍ଗଠିତ ହୋଇ ବିଧାୟକ ପ୍ରଣବ ବଳବନ୍ତରାୟ ଚଳୁ ରଖିଥିବା ପ୍ରଗତୀର ପ୍ରୟୋଗ ଶାଳା ଧର୍ମଶାଳା କୁ ଆଗେଇ ନେବାପାଇଁ ସମସ୍ତେ ପ୍ରଣବଙ୍କ ସାଥୀ ହୋଇ ଆଗାମି ଦିନରେ ପ୍ରଣବଙ୍କ ପ୍ରଗତୀର ରଥକୁ ଆଗେଇ ନେବାପାଇଁ ଆହ୍ୱାନ ଦେଇଥିଲେ ଏବଂ ନୂତନ ଭୋଟରଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚକ୍ରଧରପୁର ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ ସଭାପତିତ୍ୱ କରୁଥିବା ବେଳେ ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ପାଲ, ସରପଞ୍ଚଙ୍କ ପ୍ରତିନିଧି କୀର୍ତ୍ତନ ନାୟକ, ପଞ୍ଚାୟତ ଛାତ୍ର ବିଜେଡି ସଭାପତି ରବିନ୍ଦ୍ର କୁମାର ଜେନା, ଯୁବ ବିଜେଡି ନେତା ସଂଗ୍ରାମ ସାହୁ, ବ୍ଲକ୍ ଯୁବ ବିଜେଡି ସମ୍ପାଦକ ସୁବାଶିଷ ମହାନ୍ତି, ଛାତ୍ର ବିଜେଡି ସମ୍ପାଦକ ହରିହର ଓଝା ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୫।୨।୨୦୨୪, ମାଘ ଦି୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬/୨୧/୩୧ ଚନ୍ଦ୍ରୋଦୟ- ରାଘ୨।୫୦।୧୧**

ଦଶମୀ- ସଂଘ ୫/୨୫ ପର୍ଯ୍ୟନ୍ତ। ଅନୁରାଧା ନକ୍ଷତ୍ର- ପ୍ରାଘ ୭।୫୩ ପର୍ଯ୍ୟନ୍ତ । ବିଛାଚନ୍ଦ୍ର - ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭରାଶିର । **ଘାତଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ ୫/୨୫ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬/୨୫ ଗତେ ଘ ୭/୪୮ ମଧ୍ୟେ, ଦିଘ ୧୦/୫୪ ଗତେ ଘ ୧ / ୦୬ ମଧ୍ୟେ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।

**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।

**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।

**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।

**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।

**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।

**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।

**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।

**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।

**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।

**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।

**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

# କେବେ ସୁଧୁରିବ କଣ୍ଟାବାଞ୍ଜି – ଗୁଡିଘାଟ ରାସ୍ତା ?

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**

ରାସ୍ତା ପାଇଁ ସରକାର କରୁଛନ୍ତି କୋଟି କୋଟି ଟଙ୍କା ଖର୍ଚ୍ଚ । ଗ୍ରାମାଞ୍ଚଳରୁ ସହରାଞ୍ଚଳ ସଂଯୋଗ ପାଇଁ ଅନେକ ଯୋଜନା ମାଧ୍ୟମରେ ରାସ୍ତା ତିଆରି କରାଯାଉଛି । ହେଲେ ପ୍ରଶାସନିକ ଉଦାସିନତା ଯୋଗୁ ଏବେ ବି ଅନେକ ରାସ୍ତା ମରଣାଯନ୍ତା ପାଲଟିଛି । କଣ୍ଟାବାଞ୍ଜି ରୁ ଗୁଡିଘାଟ ଯାଉଥିବା ନୂଆପଡା ରାସ୍ତା ଅବସ୍ଥା ବର୍ତ୍ତମାନ ବେହାଲ । ଏହି ରାସ୍ତା ଦେଇ ଦିନ ତମାଳ ହଜାର ହଜାର ଲୋକ ଯିବା ଆସିବା କରୁଥିବା ବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ରାସ୍ତା ସବୁ ଖାଲଖମାରେ ଭର୍ତି । ସକାଳ ସକାଳ ରାସ୍ତାକୁ ଦେଖିଲେ ଲାଗେ ଯେମିତି ଏହା ରାସ୍ତା ନୁହେଁ ମରଣଯନ୍ତା । ଖାଲଖମା ରାସ୍ତାରେ ପାଣି ଭର୍ତି ହୋଇ କାଦୁଅ ହେଉଛି । ଏହି ରାସ୍ତାରେ ଚାରି ଚକିଆ ଗାଡି ଯିବା ଦୂରର କଥା ପାଦଚଳା ଲୋକଙ୍କୁ ମଧ୍ୟ ଅସୁବିଧାରେ ପକାଇ ଦେଇଥାଏ । ଏହି ରାସ୍ତା ଦେଇ ଯାଉଥିବା ସ୍କୁଲ କଲେଜର ଛାତ୍ର ଛାତ୍ରୀ ମାନେ ଅନେକ ଥର ଛୋଟ ବଡ଼ ଦୁର୍ଘଟଣା ଶିକାର ହୋଇଥିବା ମଧ୍ୟ ନଜିର ରହିଛି । ବିଶେଷ କରି ସାପ୍ତାହିକ ବଜାର ସୋମବାର, ଶୁକ୍ରବାର ଲୋକଙ୍କ ସମସ୍ୟା ଆହୁରି ବଢିଯାଏ । ଲୋକଙ୍କ ସୁବିଧା ଦୃଷ୍ଟିକୁ ନଜରରେ ରଖି ରାସ୍ତା ଭଲ କରିବାକୁ ସାଧାରଣରେ ଦାବି ହେଉଛି ।



ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ -୨୦୨୪



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008



କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୧୦ • ୫ ଫେବୃଆରୀ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-10 • 5th February 2024, Monday • Bhubaneswar | Licensed to post without pre-payment of postage No- BN-60/22-24



DSPL-620

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ତୃତୀୟ ଦିବସରେ




ଗୌରବମୟ ଅତୀତର ସ୍ମୃତିଚାରଣ ଏବଂ ଭବିଷ୍ୟତ ଆକାଂକ୍ଷାର ପରିକଳ୍ପନା

୨୦୩୬ରେ ଓଡ଼ିଶା : ନବଦିଗନ୍ତର ସମ୍ଭାବନା
ଶ୍ରୀ ସୁବ୍ରତ ବାଗଚୀ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ଭି. କେ. ପାଣ୍ଡିଆନ୍‌ଙ୍କ ମଧ୍ୟରେ ଆଲୋଚନା

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫ୍ୟାସନ ଡିଜାଇନର ବିଭୁ ମହାପାତ୍ରଙ୍କ ସହ ବିଶେଷ ଚର୍ଚ୍ଚା

ଆଲୋଚନା: ପଦ୍ମଶ୍ରୀ ହରମାନ କୁଲକେ ଏବଂ ପ୍ରଫେସର ଆନ୍ନେଟେ ସ୍କିମଡଚେନ୍

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ

ପ୍ରଦର୍ଶନୀ ପଡ଼ିଆକୁ ସର୍ବସାଧାରଣ ପ୍ରବେଶାନୁମତି

ସ୍ଥାନ: ଜନତା ମଇଦାନ, ଭୁବନେଶ୍ୱର
















www.worldodiaconference.org
wolc_2024 wolc2024 wolc2024

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR : 15001/13/0332/2324

ସମ୍ପାଦକୀୟ

30 YEARS
ସମ୍ବାଦ କଳିଙ୍ଗ

# ଚିନି, ଗହମ, ଚାଉଳ ରପ୍ତାନି କଟକଣା ହଟିବନି

ଗହମ, ଚାଉଳ ଓ ଚିନି ରପ୍ତାନି ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର କରିବାର କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସରକାର ଗହମ କିମ୍ବା ଚିନି ଆମଦାନି ମଧ୍ୟ କରିବେନି ବୋଲି ସେ ସ୍ପଷ୍ଟ କରିଛନ୍ତି । ଚଳିତ ବର୍ଷ ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବା କାରଣରୁ ବୃଷ୍ଟିପାତ ସ୍ୱାଭାବିକ ହୋଇପାରିନଥିଲା । ତାହାର ପ୍ରଭାବରେ ଫସଲ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି । ନିକଟରେ କେନ୍ଦ୍ର ସରକାର ଜାରି କରିଥିବା ଅର୍ଥନୀତିର ପ୍ରଥମ ଅଗ୍ରିମ ଆକଳନରେ ଚାଉଳ ଉତ୍ପାଦନ କମିବ ବୋଲି ଜଣାଇଛନ୍ତି । ଅତ୍ୟଧିକ ଗରମ କାରଣରୁ ଧାନ ଫସଲ ମଧ୍ୟ ପ୍ରଭାବିତ ହୋଇଛି । ଆଖୁ ଉତ୍ପାଦନ ମଧ୍ୟ କମିବାର ଆଶଙ୍କା ରହିଛି । ସେଥିପାଇଁ ଦେଶରେ ଚାଉଳ, ଗହମ ଓ ଚିନି ଅଭାବ ଦେଖାଦେଇପାରେ ବୋଲି କୁହାଯାଉଛି । ତାହାକୁ ଦୃଷ୍ଟିରେ ରଖି ଏସବୁ ସାମଗ୍ରୀଗୁଡ଼ିକର ରପ୍ତାନି ଉପରେ ସରକାର କଟକଣା ଜାରି କରିଛନ୍ତି । ୨୦୨୨ ମେ'ରେ ଗହମ ରପ୍ତାନିକୁ ନିଷିଦ୍ଧ କରାଯାଇଥିବା ବେଳେ ୨୦୨୩ ଜୁଲାଇରେ ଅଣ-ବାସମତି ଚାଉଳ ରପ୍ତାନି ଉପରେ କଟକଣା ଲଗାଯାଇଥିଲା । ଗତବର୍ଷ ଅକ୍ଟୋବରରେ ଚିନି ରପ୍ତାନିକୁ ମଧ୍ୟ ବନ୍ଦ କରାଯାଇଥିଲା । ଦେଶ ଭିତରେ ଏହି ସବୁ ଜିନିଷର ଦାମ ବଢ଼ିବା ପରେ ସରକାର ରପ୍ତାନି କଟକଣା ଭଳି କଠୋର ପଦକ୍ଷେପ ନେଇଥିଲେ । ଚିନି ଉତ୍ପାଦନ କମିବାର ଆଶଙ୍କା ଥିବାରୁ ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଆଖୁ ରସ ଯୋଗାଣ ବନ୍ଦ କରିବା ନେଇ ସରକାର ଚିନି କଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଚିନି ଯେଭଳି ବାହାରକୁ ଚାଲିନଯାଏ ତାହା ସୁନିଶ୍ଚିତ କରିବା ଲାଗି ବିଭିନ୍ନ ପ୍ରକାର କଟକଣା ଲାଗୁ କରାଯାଇଛି । ଏଥିସହିତ ଏହିସବୁ ଜିନିଷର ଖୁଚୁରା ବଜାର ଦର ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି । ଆବଶ୍ୟକ ସମୟରେ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଙ୍କର

ଡ.ଜାନକୀ ବଲ୍ଲଭ ମହାନ୍ତି
(ଭରଦ୍ୱାଜ)

ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ସହ ଓଡ଼ିଶାରେ ପୁନର୍ଜାଗରଣ ଧାରା ଘନିଷ୍ଠ ଭାବେ ଜଡ଼ିତ । ଏହା ପୁନର୍ଜାଗରଣ ପ୍ରବାହକୁ କ୍ଷିପ୍ରତର କରିଥିଲା । ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ଫଳରେ ଜନସାଧାରଣଙ୍କ ପକ୍ଷେ ସ୍ୱଦେଶର ଅତୀତ ଓ ବର୍ତ୍ତମାନକୁ ତଥା ବହିର୍ଜଗତକୁ ଜାଣିବା ସମ୍ଭବ ହୋଇଥିଲା । ଓଡ଼ିଶାରେ ଶିକ୍ଷା ପ୍ରସାର ତଥା ଖ୍ରୀଷ୍ଟ ଧର୍ମର ପ୍ରଚାର ଲାଗି ଖ୍ରୀଷ୍ଟିୟ ମିସନାରୀମାନେ ସର୍ବାଦୌ ଉଦ୍ୟମ କରିଥିଲେ । କଲିକତା ନିକଟବର୍ତ୍ତୀ ଶ୍ରୀରାମପୁର ଥିଲା ପୂର୍ବାଞ୍ଚଳୀୟ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରଧାନ କେନ୍ଦ୍ର । ଏଇ ମିସନାରୀମାନଙ୍କ ଉଦ୍ୟମରେ ହିଁ ଓଡ଼ିଆରେ ସର୍ବାଦୌ(୧୮୦୭)ପୁସ୍ତକ ପ୍ରକାଶ ପାଇଥିଲା ଶ୍ରୀରାମପୁରରୁ ।

୧୮୩୬-୩୭ ମସିହାରେ ମିସନାରୀମାନଙ୍କ ଉଦ୍ୟମ ଫଳରେ ଓଡ଼ିଶାର ପ୍ରଥମ ମୁଦ୍ରଣ ଯନ୍ତ୍ର 'ମିସନ ପ୍ରେସ୍' କଟକରେ ସ୍ଥାପିତ ହୋଇଥିଲା । ଏଠାରୁ ମଧ୍ୟ ସେମାନେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ଓ ପତ୍ରିକା ପ୍ରକାଶନରେ ବ୍ରତୀ ହୋଇଥିଲେ । ତଥାପି କେତେକ ପାଠ୍ୟ ପୁସ୍ତକ ଓ ଓଡ଼ିଆରେ ଅଭିଧାନ ଓ ଓଡ଼ିଆ ବ୍ୟାକରଣ ପ୍ରଣୟନ କ୍ଷେତ୍ରରେ ମଧ୍ୟ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ବସ୍ତୁତଃ ବିଗତ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଶାବାସୀଙ୍କ ପକ୍ଷେ ଥିଲା ଏକ ଉଦ୍ୟମହୀନ, ଅବସାଦ ଗ୍ରସ୍ତ ନିଶ୍ଚେଷ୍ଟ ସମୟ ।

ମିସନ୍ ପ୍ରେସ୍ ପ୍ରତିଷ୍ଠାର ପ୍ରାୟ ତିରିଶ ବର୍ଷ ପରେ (୧୮୬୪) ଉତ୍କଳୀୟମାନଙ୍କ ଉଦ୍ୟମରେ ପ୍ରେସ୍ ପ୍ରତିଷ୍ଠା, ପୁସ୍ତକ ଓ ପତ୍ରିକା ପ୍ରକାଶନର ସୂତ୍ରପାତ ହୋଇଥିଲା । ଗଠିତ ହୋଇଥିଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହି କ୍ଷେତ୍ରରେ ଗୌରୀଶଙ୍କରଙ୍କ ସାଧନା ଓ ସିଦ୍ଧି ଅବିସ୍ମରଣୀୟ । ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷତଃ କାବ୍ୟ ସଙ୍ଗୀତର ଅନୁରାଗୀ । ଏଣୁ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ପ୍ରଦର୍ଶନ ଅଭିପ୍ରାୟରେ ସେ ଓଡ଼ିଆ ସାହିତ୍ୟର ମହାନ କାବ୍ୟ କୃତି ଗୁଡ଼ିକୁ ପୋଥିରୁ ଉଦ୍ଧାର କରି ତାହାକୁ ମୁଦ୍ରଣ କରିବାରେ ମନୋନିବେଶ କରିଥିଲେ । ଏହି କାର୍ଯ୍ୟରେ ତାଙ୍କର ସହାୟକ ଥିଲେ ବନମାଳୀ ସିଂହ ଓ କପିଳେଶ୍ୱର ବିଦ୍ୟାଭୂଷଣ । ସେତେବେଳେ ଗୌରୀଶଙ୍କରଙ୍କ ମୁଦ୍ରଣ ପ୍ରତିଷ୍ଠାନ କଟକ ପ୍ରିଣ୍ଟିଂ କମ୍ପାନୀ ଥିଲା ଏକ ଅପ୍ରତିଦ୍ୱନ୍ଦ୍ୱୀ ଅନୁଷ୍ଠାନ । 'ଉତ୍କଳ ଦୀପିକା' ସାପ୍ତାହିକ ପତ୍ରିକା ପ୍ରକାଶନ ବ୍ୟତୀତ ଏହି ମୁଦ୍ରଣାଳୟରେ ଅନ୍ୟ ଲେଖକଙ୍କ ରଚିତ ଅଥବା ସଂକଳିତ ପୁସ୍ତକ ମଧ୍ୟ ମୁଦ୍ରିତ ହେଉଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପୁସ୍ତକ ମୁଦ୍ରଣ କାର୍ଯ୍ୟ ୧୮୬୬ ମସିହାରୁ ଆରମ୍ଭ ହୋଇଥିବା ଜଣାଯାଏ ।

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, ଜଗନ୍ନାଥ ଦାସଙ୍କ ଭାଗବତ, ସାମନ୍ତ ଚନ୍ଦ୍ରଶେଖରଙ୍କ ପାଞ୍ଜି ପ୍ରଭୃତି ମୁଦ୍ରିତ ହେବାରୁ ଜନସାଧାରଣଙ୍କ ପକ୍ଷେ ପୋଥି ଅପେକ୍ଷା ଏହି ଗ୍ରନ୍ଥ ସମୂହ ସହଜଲଭ୍ୟ ହୋଇପାରିଥିଲା । କଟକ ପ୍ରିଣ୍ଟିଂ କମ୍ପାନୀ ମଧ୍ୟ ବେଶ ଲାଭବାନ ହୋଇପାରିଥିଲା । ଏହି ଯୌଥ କମ୍ପାନୀର ସଫଳତାରେ ଅନୁପ୍ରାଣିତ ହୋଇ କଟକ, ବାଲେଶ୍ୱର, ପୁରୀ, ମୟୁରଭଞ୍ଜ, ବାମଣ୍ଡା ପ୍ରଭୃତି ସ୍ଥାନରେ ମଧ୍ୟ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ହୋଇଥିଲା । ବିଗତ ଶତାବ୍ଦୀର ଶେଷ ତ୍ରିଦଶକ ମଧ୍ୟରେ ଏହିପରି ଯେଉଁ ସବୁ ମୁଦ୍ରଣ ଅନୁଷ୍ଠାନ ଓଡ଼ିଶାର ବିଭିନ୍ନାଞ୍ଚଳରେ ସ୍ଥାପିତ ହୋଇଥିଲା ସେମାନଙ୍କ ମଧ୍ୟରୁ ଫକୀର ମୋହନଙ୍କ ଦ୍ୱାରା ବାଲେଶ୍ୱରରେ ପ୍ରତିଷ୍ଠିତ ଉତ୍କଳ




ଉତ୍କଳ ଦୀପିକା
ସାପ୍ତାହିକ ସମ୍ବାଦପତ୍ରିକା

ପ୍ରିଣ୍ଟିଂ କମ୍ପାନୀ(୧୮୬୮), ବୈକୁଣ୍ଠ ନାଥ ଦେଙ୍କ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ ପ୍ରେସ୍ (୧୮୭୩)କଟକର ପେଟ୍ରିଅଟ ପ୍ରେସ୍ (୧୮୭୩), ମୟୁରଭଞ୍ଜ ପ୍ରେସ୍ (୧୮୭୯), ବାଲେଶ୍ୱରର ଦାସ ପ୍ରେସ୍(୧୮୮୨), ବାମଣ୍ଡାର ଜଗନ୍ନାଥ ବଲ୍ଲଭ ପ୍ରେସ (୧୮୮୫), କଟକର ଭିକ୍ଟୋରିୟା ପ୍ରେସ୍ (୧୮୮୫), ବାମଣ୍ଡାର ସୁଢଳ ପ୍ରେସ୍ (୧୮୮୭) କଟକର ଅରୁଣୋଦୟ ପ୍ରେସ୍(୧୮୯୩), ରାୟ ପ୍ରେସ୍ (୧୮୯୪), ଦର୍ପଣରାଜ ପ୍ରେସ୍ (୧୮୯୬) ଓ ଉତ୍କଳ ସାହିତ୍ୟ ପ୍ରେସ(୧୮୯୭)ର ନାମ ଉଲ୍ଲେଖଯୋଗ୍ୟ । ଏହି ସବୁ ମୁଦ୍ରଣାଳୟରୁ କେତେକ ପୁସ୍ତକ ପ୍ରକାଶିତ ହୋଇଥିଲେ ହେଁ ଏହି ଅନୁଷ୍ଠାନ ମଧ୍ୟରୁ କୌଣସିଟି ଦୀର୍ଘସ୍ଥାୟୀ ହୋଇପାରି ନ ଥିଲେ ଅଥବା କଟକ ପ୍ରିଣ୍ଟିଂ କମ୍ପାନୀ ସହ ପ୍ରତିଦ୍ୱନ୍ଦ୍ୱୀ ହୋଇପାରି ନ ଥିଲେ ।

ଗୌରୀଶଙ୍କର କମ୍ପାନୀର ପୁସ୍ତକ ମୁଦ୍ରଣ କାର୍ଯ୍ୟ ୧୯୧୫ ପର୍ଯ୍ୟନ୍ତ ଅବ୍ୟାହତ ରଖିଥିବା ଜଣାଯାଏ । କ୍ରମେ ଏହି କ୍ଷେତ୍ରରେ ଶିଥିଳତା ଦେଖା ଦେଇଥିଲା ଓ ନାନା କାରଣରୁ ଏହ ସଂପୂର୍ଣ୍ଣ ବନ୍ଦ୍ ହୋଇ ଯାଇଥିଲା । ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାରର ସୁବିଧା ନିମନ୍ତେ ହିଁ ପ୍ରିଣ୍ଟିଂ କମ୍ପାନୀ ମୁଖ୍ୟତଃ ପ୍ରତିଷ୍ଠା କରାଯାଇଥିଲା । ଏ ସମ୍ପର୍କରେ ଗୌରୀଶଙ୍କରଙ୍କ ସ୍ୱୀକାରୋକ୍ତି ପ୍ରଣିଧାନ ଯୋଗ୍ୟ । (୧)-'କେତେଜଣ କଚେରିଆ ବନ୍ଧୁଙ୍କ ଠାରୁ ବୈଦେହୀଶ ବିଳାସ ପ୍ରଭୃତିର ଦୁଇ ଏକ ପଦ ଅର୍ଥ ସହିତ ଶୁଣି ସେ ଦିଗକୁ ମନ ଧାଇଁଲା ଏବଂ କେତେ ଜଣ ଅତି ପ୍ରିୟ ବନ୍ଧୁ ଯଥା ସ୍ୱର୍ଗୀୟ ବନମାଳୀ ସିଂହ ରାଧାମୋହନ ପଟ୍ଟନାୟକ ଜଗମୋହନ ଲାଲ, ପ୍ୟାରୀମୋହନ ସେନ ଆଦି ମିଶି ନିତ୍ୟ ସଂଧ୍ୟାବେଳେ ଅନ୍ତତଃ ଏକ ଘଣ୍ଟା ପ୍ରେମ ସୁଧାନିଧି ଲାବଣ୍ୟବତୀ ପ୍ରଭୃତି ପାଠ କରି ଉତ୍କଳ ସାହିତ୍ୟର ସ୍ୱାଦ ପାଇଲୁ ଏବଂ ସେ ସବୁ ପ୍ରଚାରର ସୁବିଧା ନିମନ୍ତେ ଛାପାଖାନାର ଅଭାବ ବିଶେଷ ରୂପେ ଅନୁଭୂତ ହେଲା । ଅଳ୍ପ ଦିନ ପରେ ଈଶ୍ୱରଙ୍କ ଅପାର ମଙ୍ଗଳବିଧାନରେ କଟକ ପ୍ରିଣ୍ଟିଂ କୋମ୍ପାନୀ ମୁଦ୍ରାଯନ୍ତ୍ରାଳୟଏ ନଗରରେ ପ୍ରତିଷ୍ଠିତ ହେଲା । ସେହିଦିନୁ ଉତ୍କଳ ସାହିତଜ୍ଞ ବ୍ୟକ୍ତିଗଣଙ୍କ ପରିଶ୍ରମ ଓ ଯତ୍ନ ଦ୍ୱାରା ପ୍ରାଚୀନ ଉତ୍କଳ ପୁସ୍ତକମାନ କ୍ରମେ ଯେପରି ପ୍ରକାଶିତ ହେଉଅଛି, ତାହା ଅନେକଙ୍କୁ ଜଣାଅଛି । ଆଜିକାଲି ଧରଣର ପ୍ରକାଶିତ ପୁସ୍ତକ ଅପେକ୍ଷା ସେ ସମସ୍ତର (ପ୍ରାଚୀନ ସାହିତ୍ୟର) ଅଧିକ ବିକ୍ରୟ ତାହା ପ୍ରତ୍ୟକ୍ଷ ଦେଖାଇ ଦେଉଅଛି ।''

ଗୌରୀଶଙ୍କରଙ୍କ ଜୀବନୀକାର ପ୍ରିଣ୍ଟିଂ କମ୍ପାନୀ ସଂଲଗ୍ନ ପୁସ୍ତକ ଦୋକାନ ସମ୍ପର୍କରେ ଏହି ଅଭିମତ ଦେଇ ଲେଖିଥିଲେ-'' ଏହି କ୍ରମରେ ଛାପାଖାନାର ମୁଦ୍ରିତ ପୁସ୍ତକ ସଂଖ୍ୟା ବୃଦ୍ଧି ଲାଭ କରିବାର କାରବାରର ସୁବିଧା ନିମନ୍ତେ ଏଥି ସଂଲଗ୍ନ ଗୋଟିଏ ପୁସ୍ତକ ଦୋକାନ ଫିଟିଲା । ଦୋକାନ ଫିଟାଇବା କମ୍ପାନୀଙ୍କ ଉଦ୍ଦେଶ୍ୟ ନ ଥିଲେ ହେଁ ଗୌରୀଶଙ୍କରଙ୍କ ନିରନ୍ତର ଯତ୍ନ ଫଳରେ ସେହି ଦୋକାନ ଦ୍ୱାରା କମ୍ପାନୀ ଯଥେଷ୍ଟ ଲାଭବାନ ହୋଇଥିଲେ । ଖ୍ରୀ ୧୯୧୫ରେ ତାଙ୍କର ଦୋକାନ ମଧ୍ୟରେ ଏହି ଦୋକାନ ବିକ୍ରୟରେ ଅଗ୍ରସ୍ଥାନ ଲାଭ କରିଥିଲା ।

ଗୌରୀଶଙ୍କରଙ୍କ ପ୍ରାଚୀନ ସାହିତ୍ୟର ମୁଦ୍ରଣ ସମ୍ପର୍କରେ ମତ ବ୍ୟକ୍ତ କରି ଲାଲା ନଗେନ୍ଦ୍ର କୁମାର ଲେଖିଛନ୍ତି : 'ସଙ୍ଗୀତ ଓ ପ୍ରାଚୀନ ଛନ୍ଦ ଆଦି ପ୍ରତି ଅତ୍ୟଧିକ ଆଗ୍ରହ ଯୋଗୁଁ ସେ ପରେ ପୁରୁଣା ଓଡ଼ିଆ ପୋଥିମାନ ସଂଗ୍ରହ କରି ପଣ୍ଡିତମାନଙ୍କୁ ଲଗାଇ ତହିଁର ବିଶୁଦ୍ଧ ସଂସ୍କାରମାନ ପ୍ରଚାର କରିବାକୁ ପୁରାଣ ପ୍ରକାଶିକା କମ୍ପାନୀ ଗୋଟିଏ ମଧ୍ୟ ଗଢ଼ିଥିଲେ ।'' କହିବା ଅନାବଶ୍ୟକ, ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ 'ଉତ୍କଳ ଭାଷୋଦ୍ଦୀପନୀ' ସଭା ପ୍ରଚେଷ୍ଟାରେ ପୁରାଣ ପ୍ରକାଶିକା କମ୍ପାନୀ ଓଡ଼ିଆ ଭାଗବତ, ରାମାୟଣ ଓ ମହାଭାରତ ପ୍ରଭୃତି ମୁଦ୍ରଣ କରି ଯଥେଷ୍ଟ ଲାଭବାନ ହୋଇ ପାରିଥିଲେ ।

ଓଡ଼ିଆ ସାମ୍ବାଦିକତାର ଅଗ୍ରଦୂତ, ଯୋଗଜନ୍ମା ଗୌରୀଶଙ୍କରଙ୍କ ନିଷ୍ଠାପର ଉଦ୍ୟମ ଫଳରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ବହୁ ଅମୂଲ୍ୟ ସାରସ୍ୱତ କୃତି ଲୋକ ଲୋଚନକୁ ଆସିପାରି ଥିବାରୁ ତାହାଙ୍କ ନିକଟରେ ଓଡ଼ିଆ ଚିରକୃତଜ୍ଞ । ଶତାଧିକ ବର୍ଷପରେ ଏଣୁ ଆମେ ତାଙ୍କୁ ପରମ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ସ୍ମରଣ କରୁଛୁ । ବିଗତ ଶତାବ୍ଦୀରେ କଟକ ପ୍ରିଣ୍ଟିଂ କମ୍ପାନୀ ପକ୍ଷରୁ ପ୍ରକାଶିତ ପୁସ୍ତକ ମାନଙ୍କର ଏକ କାଳାନୁକ୍ରମିକ ବିବରଣୀ ଏହା ସହ ପ୍ରଦତ୍ତ ହେଲା । ଏହି ବିବରଣୀ ସର୍ବତୋ ଭାବେ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ । ନମ୍ରତା ସହିତ ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଆଲୋଚକଙ୍କ ଦ୍ୱାରା ଏହା ପୂର୍ଣ୍ଣାଙ୍ଗ ହେବାର ଆଶା କରୁଛି ।

# ଓଡ଼ିଆ ନବଜାଗରଣର ଆଦ୍ୟପୁରୁଷ: ଗୌରୀଶଙ୍କର


ଡକ୍ଟର ବିଜୟାନନ୍ଦ ସିଂହ

ଓଡ଼ିଆ ଜାତୀୟ ଜୀବନର ସମୃଦ୍ଧ ଇତିହାସ କଥା ସ୍ମୃତିପଟକୁ ଆସିଲେ, ମନେପଡ଼ନ୍ତି କର୍ମବୀର ଗୌରୀଶଙ୍କର ରାୟ । ଗୌରୀଶଙ୍କର ବାସ୍ତବରେ ଥିଲେ ଜଣେ ବିସ୍ମୟ ପୁରୁଷ । ଓଡ଼ିଆ ଜାତିର ଏକ ସନ୍ଧିକ୍ଷଣରେ ସେ ଆବିର୍ଭୂତ ହୋଇ ଅବିସ୍ମରଣୀୟ ଭୂମିକା ସମ୍ପାଦନ କରିଯାଇଛନ୍ତି । ୧୮୬୫-୬୬ ମସିହାରେ ଓଡ଼ିଶା ଇତିହାସରେ ନାହିଁ ନଥିବା ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା । ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଜାତିର ସନ୍ତାନମାନେ ଖାଦ୍ୟ ବିନା ଯେ ଜୀବନ ହରାଇବେ, ଏକଥା ଏବେବି ଭାବିଲେ ବିଶ୍ୱାସ କରିହେଉନାହିଁ । ନ'ଅଙ୍କ ଦୁର୍ଭିକ୍ଷ ଜାତିର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା । ହଜାର ହଜାର ଲୋକେ ଏଥିରେ ମୃତ୍ୟୁବରଣ କଲେ । ଏହି ଦୁଃସ୍ଥିତିରେ ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ହେଲା ଚକ୍ରାନ୍ତ । ଓଡ଼ିଆ ପରିବର୍ତ୍ତେ ଓଡ଼ିଶାରେ ବଙ୍ଗଳା ଭାଷା ପ୍ରଚଳନ କରିବା ପାଇଁ ଉଦ୍ୟମ କରାଗଲା । ଓଡ଼ିଶାର ଆର୍ଥନୀତିକ ସ୍ଥିତି ଦୋହଲିଗଲା ଏବଂ ଧର୍ମାନ୍ତରଣ ପାଇଁ ଚେଷ୍ଟା କରାଗଲା । ଓଡ଼ିଶାର ଆର୍ଥନୀତିକ ସ୍ଥିତି ଦୋହଲିଗଲା ଏବଂ ଧର୍ମାନ୍ତରଣ ପାଇଁ ଚେଷ୍ଟା କରାଗଲା । ଓଡ଼ିଶାର ଶିକ୍ଷାବ୍ୟବସ୍ଥା ମଧ୍ୟ ଅବହେଳିତ ହେଲା । ଏହିଭଳି ଅବସ୍ଥାରେ ଗୌରୀଶଙ୍କରଙ୍କ ଆତ୍ମପ୍ରକାଶ ତତ୍କାଳୀନ ଓଡ଼ିଆମାନଙ୍କୁ ଆଶାର ପ୍ରଦୀପ ପରି ପ୍ରତୀୟମାନ ହେଲେ ।

ଗଭୀର ଅନ୍ଧାକାର ପରେ ଉଦିତ ସୂର୍ଯ୍ୟର ଆଭା ଯେପରି ଦିବସର ସୂଚନା ଦେଇଥାଏ, ସେହିପରି ଓଡ଼ିଶାକୁ ନୂତନ ରୂପରେ ଗଢ଼ିବାର ସ୍ୱପ୍ନ ଦେଖିଥିଲେ ଗୌରୀଶଙ୍କର । ଜନଜାଗୃତି, ଜନସଚେତନତା ସର୍ବୋପରି ମାନବିକ ସମ୍ପର୍କକୁ ସମ୍ପ୍ରସାରିତ କରିବାର ଲକ୍ଷ୍ୟ ନେଇ ସେ ପ୍ରକାଶ କରିଥିଲେ 'ଉତ୍କଳ ଦୀପିକା' ୧୮୬୬ ମସିହାରେ । ଏହି ପତ୍ରିକା ଥିଲା ଭିନ୍ନ ପ୍ରକାରର । ଏଥିରେ ବିଭିନ୍ନ ପ୍ରକାରର ଲେଖା, ତଥ୍ୟ, ସମ୍ବାଦ, ସାହିତ୍ୟ ପ୍ରକାଶିତ ହେଉଥିଲା । ଦୂରଦ୍ରଷ୍ଟା ଗୌରୀଶଙ୍କରଙ୍କର ଏହା ପୂର୍ବରୁ ଅର୍ଥାତ ୧୮୬୫ ମସିହାରେ ପ୍ରତିଷ୍ଠା କରିଥିଲେ କଟକ ପ୍ରିଣ୍ଟିଂ କମ୍ପାନୀ । ଏହି କମ୍ପାନୀ ଥିଲା ଓଡ଼ିଆ ନବଜାଗରଣର ସୂତ୍ରଧର । କମ୍ପାନୀର ନିଜସ୍ୱ ପ୍ରେସ୍ ମଧ୍ୟ ଥିଲା । ଉତ୍କଳ ଦୀପିକା ଏହିସବୁ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହେଲା । ଉତ୍କଳ ଦୀପିକା ଥିଲା ତତ୍କାଳୀନ ସାମାଜିକ ଜୀବନର ମୁଖପତ୍ର । ଓଡ଼ିଶାର ସ୍ୱାର୍ଥରକ୍ଷା କରିବାରେ ପଣ କରିଥିଲା ଉତ୍କଳ ଦୀପିକା । ଏହା ପୂର୍ବରୁ କେତୋଟି ପତ୍ରପତ୍ରିକା ଓଡ଼ିଶାରେ ପ୍ରକାଶିତ ହୋଇଥିଲେ ମଧ୍ୟ ତାହା ଯଥାର୍ଥ ଭାବରେ ଜନଜୀବନର ମୁଖପତ୍ର ହୋଇପାରି ନଥିଲା । ଏହି ପତ୍ରିକାର ମୁଖ୍ୟ ଲକ୍ଷ୍ୟ ଥିଲା, ଓଡ଼ିଶାର ଜନଜୀବନ ଓ ସମାଜର ସାମଗ୍ରିକ କଲ୍ୟାଣ ସାଧନ । ଜନମତକୁ ଜାଗ୍ରତ କରାଇବାରେ ଦୀପିକାର ଏହା ଥିଲା ଏକ ପ୍ରାଥମିକ ଆନୁଷ୍ଠାନିକ ଉଦ୍ୟମ । ଇଂରେଜ ସରକାରଙ୍କ ଅନ୍ୟାୟ, ଅନୀତି, ଅତ୍ୟାଚାର ସହିତ ପୋଲିସର ଅମାନୁଷିକ କାର୍ଯ୍ୟ, ଆୟକର, ଲବଣ କର, ପଥ କର, ଅବକାରୀ ବିଭାଗର ବିଭିନ୍ନ କାର୍ଯ୍ୟକୁ ତୀବ୍ର ଭାବରେ ସମାଲୋଚନା କରୁଥିଲା ଏହି ପତ୍ରିକା । ସେହିପରି ଜଳସେଚନର ବ୍ୟବସ୍ଥା, କୃଷିର ଉନ୍ନତି ଓ ଶିକ୍ଷାର ବିକାଶ ପାଇଁ ଏହି ପତ୍ରିକାରେ ଥିଲା ବିଭିନ୍ନ ପ୍ରସଙ୍ଗ । ଫଳତଃ ନ୍ୟାୟ ଓ ସତ୍ୟରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରିବାରେ ଏକ ପରିବେଶର ପ୍ରସ୍ତୁତି କରିଥିଲା ଏହି ପତ୍ରିକା । ଓଡ଼ିଶାକୁ ଆଧୁନିକ କରାଇବାରେ ଗୌରୀଶଙ୍କରଙ୍କ ଦୂରଦୃଷ୍ଟି ଏବେବି ସ୍ମରଣୀୟ । ଓଡ଼ିଶାରେ ରେଳପଥର ବିସ୍ତାର ପାଇଁ ସେ ବିଭିନ୍ନ ପ୍ରସ୍ତାବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯୋଗାଯୋଗ ବିକାଶର ଏକ ଶ୍ରେଷ୍ଠ ମାଧ୍ୟମ । ସେଥିପାଇଁ ସେ ଜନମତ ସୃଷ୍ଟି କରିବା ସହ ସରକାରଙ୍କୁ ଏକ ପ୍ରକାର ବାଧ କରିଥିଲେ ଓଡ଼ିଶାରେ ରେଳପଥର ଉନ୍ନତି କରିବା ପାଇଁ । ସେ ଲେଖିଥିଲେ- ଆମ୍ଭେମାନେ ଭାଳୁଅଛୁଁକି ମାନ୍ୟବର ଇଡ଼ନ୍ ସାହେବ ବଙ୍ଗଳାରେ ରେଳବାଟ ବିସ୍ତାର କରିବାର ଏତେ ଉପାୟ ଚିନ୍ତା କଲାବେଳକୁ ସେ ଓଡ଼ିଶାକୁ ଥରେ ମନରେ ନ ପକାଇଲେ ବଡ଼ ଦୁଃଖର ବିଷୟ ଅଟଇ । ଛତିଶଗଡ଼ ପର୍ଯ୍ୟନ୍ତ ଆସିଲାବେଳେ ଟିକିଏ ଓଡ଼ିଶା ପ୍ରତି ଚାହିଁଦେଇ ଥାଆନ୍ତେ । ତେବେ ରାୟଗଡ଼ ଠାରୁ ସମ୍ବଲପୁର ବାଟେ କଟକ ପର୍ଯ୍ୟନ୍ତ ଗୋଟିଏ ରେଖା ଟାଣିଦେଇଥିଲେ ଆଜି ଆମ୍ଭେମାନେ କେତେ ଆନନ୍ଦିତ ହୋଇଥାନ୍ତୁ, ତାହା ବୋଲାଯାଇ ନ ପାରେ । (ଉତ୍କଳ ଦୀପିକା- ୨୮.୦୨.୧୮୮୦)

ଓଡ଼ିଶାରେ ସମ୍ବାଦ ପରିବେଷଣର ମାର୍ଗ ନିର୍ଦ୍ଧାରଣ କରିବାରେ ଗୌରୀଶଙ୍କର ରାୟ ଥିଲେ ପଥିକୃତ୍ । ସତ୍ୟାଶ୍ରିତ ସମ୍ବାଦ ପ୍ରକାଶ କରିବା ଥିଲା ତାଙ୍କର ଲକ୍ଷ୍ୟ । ନକରାତ୍ମକ ସମ୍ବାଦର ସେ ଥିଲେ ବିରୋଧୀ । ଯଉଁଠି ଉନ୍ନତି, ଅଗ୍ରଗତି ଓ ଭଲ କାର୍ଯ୍ୟ ହେଉଥିଲା, ତାହାକୁ ମଧ୍ୟ ସେ ଗୁରୁତର ସହ ପ୍ରକାଶ କରୁଥିଲେ । ସମାଜର ଦୋଷତ୍ରୁଟି, ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ସେ ତୀବ୍ର ସମାଲୋଚନା କରିବା ସହିତ ସେସବୁ ନିରାକରଣ ପାଇଁ ବିଭିନ୍ନ ପ୍ରସ୍ତାବମାନ ପ୍ରକାଶ କରୁଥିଲେ । ଜାତି ଭେଦ ପ୍ରଥା ବିରୁଦ୍ଧରେ ଉତ୍କଳ ଦୀପିକା ପାଇଁ ବିଭିନ୍ନ ପ୍ରସ୍ତାବ ପ୍ରକାଶ କରୁଥିଲେ । ଜାତି ଭେଦ, ପ୍ରଥା ବିରୁଦ୍ଧରେ ଉତ୍କଳ ଦୀପିକା ସ୍ୱର ଉତ୍ତୋଳନ କରୁଥିଲା । ସେହିପରି ବ୍ରାହ୍ମ, ସମାଜର ସଂସ୍କାରଧର୍ମୀ କାର୍ଯ୍ୟଧାରାକୁ ପ୍ରଶଂସା କରୁଥିଲା ଦୀପିକା । ଏକ ସୁନ୍ଦର-ସମୃଦ୍ଧ ଓଡ଼ିଶା ସୃଷ୍ଟି ପାଇଁ ଦୀପିକା ଏହା ଯେ ଥିଲା ଏକ ଆନୁଷ୍ଠାନିକ ଆନ୍ଦୋଳନ, ଏହା କହିଲେ ଠିକ୍ ହେବ । ଦୀପିକାରେ ସାହିତ୍ୟ-ସଂସ୍କୃତିର ଚିତ୍ର ଅଙ୍କିତ ହେଉଥିଲା, ସେହିପରି ଧର୍ମ, ନାଟକ, ସଙ୍ଗୀତ, କଳା କଥା ମଧ୍ୟ ସୂଚିତ ହେଉଥିଲା । କେବଳ ଓଡ଼ିଶା ନୁହେଁ, ଦେଶ-ବିଦେଶ, ବିଭିନ୍ନ ଘଟଣା, ସମ୍ବାଦ ଏଥିରେ ସ୍ଥାନ ପାଇବା ସହ ଛୁଟି ତାଲିକା ଏବଂ ପାଞ୍ଜି ମଧ୍ୟ ପ୍ରକାଶିତ ହେଉଥିଲା । ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶରେ ଗୌରୀଶଙ୍କରଙ୍କ ଅବିସ୍ମରଣୀୟ ନେତୃତ୍ୱର ପଟାନ୍ତର ନାହିଁ । ଓଡ଼ିଶାରୁ ଓଡ଼ିଆ ଭାଷା ଉଠାଯାଇ ବଙ୍ଗଳା ପ୍ରଚଳନକୁ ସେ ତୀବ୍ର ବିରୋଧ କରିଥିଲେ । ଓଡ଼ିଆ ଭାଷା ସୁରକ୍ଷାରେ ସେ ବିଭିନ୍ନ ଲେଖା ପ୍ରକାଶ କରିବା ସହ ସାଙ୍ଗଠନିକ କ୍ଷେତ୍ରରେ ମଧ୍ୟ ନୂତନ ଦିଶା ନିର୍ଦ୍ଦେଶ କରିଥିଲେ । ଉତ୍କଳ ଦୀପିକାରେ ନୂତନ ପ୍ରକାଶିତ ପୁସ୍ତକ ସମ୍ପର୍କରେ ସୂଚନା, ପୁସ୍ତକ ବିଜ୍ଞାପନ, ସାହିତ୍ୟ ଆଲୋଚନା, ସାହିତ୍ୟକୁ ନେଇ ଚର୍ଚ୍ଚା ଆଦି ବିଶେଷ ଗୁରୁତ୍ୱ ବହନ କରୁଥିଲା । ଫଳତଃ ସାହିତ୍ୟର ପ୍ରସାରରେ ଏହା ଥିଲା ଏକ ବଳିଷ୍ଠ ଉଦ୍ୟମ । ଓଡ଼ିଆ ପ୍ରଚୀନ ସାହିତ୍ୟର ପ୍ରକାଶ ପାଇଁ ସେ ଥିଲେ କର୍ମ ତତ୍ପର । ଏପରିକି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁଙ୍କ ସାହିତ୍ୟର ସେଥିଲେ ଉପାସକ । କଟକ ପ୍ରିଣ୍ଟିଂ କମ୍ପାନୀରୁ ବହୁ ମୂଲ୍ୟବାନ ଗ୍ରନ୍ଥ ପ୍ରକାଶିତ ହେଉଥିଲା । ସେ ମଧ୍ୟ ଅନେକ ପ୍ରାଚୀନ ଗ୍ରନ୍ଥ ସମ୍ପାଦନା କରିଥିବାର ଜଣାପଡ଼େ ।

ଓଡ଼ିଶାରେ ପ୍ରଥମେ ସର୍ବସାଧାରଣଙ୍କ ପାଇଁ ଏକ ସଭାଗୃହ 'କଟକ ଟାଉନ ହଲ୍' (୧୯୦୯) ପ୍ରତିଷ୍ଠା କରିଥିଲେ ଗୌରୀଶଙ୍କର । ଏପରିକି ନିଜସ୍ୱ ପାଣ୍ଠିରୁ ଏହାର ନିର୍ମାଣ ପାଇଁ ଏଗାର ହଜାର ଟଙ୍କା ସେ ପ୍ରଦାନ କରିଥିଲେ । ଲୋକ ହିତକର କାର୍ଯ୍ୟକରିବାରେ ସେ ଥିଲେ ଜଣେ ଅଗ୍ରଣୀ ପୁରୁଷ । କଟକ ମ୍ୟୁନିସିପାଲିଟିର ଉନ୍ମେଷ କାଳରେ ତାଙ୍କର ନେତୃତ୍ୱ ଥିଲା ଉଲ୍ଲେଖଯୋଗ୍ୟ ।

ଆଧୁନିକ ଓଡ଼ିଶା ଗଠନ ଏବଂ ଓଡ଼ିଶାରେ ନବଜାଗରଣ ସୃଷ୍ଟି କରାଇବାରେ ଗୌରୀଶଙ୍କର ଥିଲେ ପଥପ୍ରଦର୍ଶକ । ତାଙ୍କର ସ୍ୱପ୍ନ-ସମ୍ଭାବନା ସୃଷ୍ଟି କରିଥିଲା ଆଧୁନିକ ଓଡ଼ିଶାକୁ । ସେଥିପାଇଁ ଉତ୍କଳ ଗୌରବ ମଧୁସୂଦନ ତାଙ୍କ ସମ୍ପର୍କରେ କହିଥିଲେ- ଯେଉଁଠାରେ ଲୋକେ ଓଡ଼ିଆ ଭାଷା କହନ୍ତି କିମ୍ବା ଓଡ଼ିଆ ପୁସ୍ତକ ପାଠ କରନ୍ତି, ସେହିଠାରେ ଗୌରୀଶଙ୍କରଙ୍କଙ୍କ ନାମ ଜଣା ଅଛି ।' 'ଉତ୍କଳ ଦୀପିକା'ର ପ୍ରତିଷ୍ଠା ପ୍ରକାଶନ ଥିଲା ନୂତନ ଓଡ଼ିଶା ଗଠନର ଆଦ୍ୟ ଅଧ୍ୟାୟ । ଦୀପିକା ହିଁ ଓଡ଼ିଆ ଜାତୀୟ ଜୀବନର ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା । ବ୍ୟାସକବି ଫକୀର ମୋହନ ସେନାପତି ଗୌରୀଶଙ୍କରଙ୍କରଙ୍କ ତ୍ୟାଗନିଷ୍ଠ ଜୀବନର ବର୍ଣ୍ଣନା କରିଛନ୍ତି ତାଙ୍କର ପ୍ରସିଦ୍ଧ 'ଉତ୍କଳ ଭ୍ରମଣ' ରଚନାରେ -

**ହେ ଗୌରୀଶଙ୍କର ଧନ୍ୟ**
**ତୁମ୍ଭର ସାହସ,**
**ଦୀପିକା ଲେଖୁଛି ବସି**
**ତିରିଶ ବରଷ ।**
**ନମାନି ବିପଦ ବାଧା**
**ନଚାହିଁ ଦେହକୁ,**
**ମନ ପ୍ରାଣ ସମରପି ପାଳିଛ**
**ବ୍ରତକୁ ।**
**ମନ ପ୍ରାଣ ସମରପି ପାଳିଛ**
**ବ୍ରତକୁ ।**
**ଦେଖି ଦେଖି ଢେର ଦିନ**
**ଜାଣିଛି ବିଶେଷ**
**ଅଟ ତୁମ୍ଭେ ଜଣେ ମ୍ୟାନ୍**
**ଅଫ ବିଜ୍‌ନେସ୍ ।**
(ଉତ୍କଳ ଭ୍ରମଣ)

ଆଧୁନିକ ଓଡ଼ିଶା, ଶାସ୍ତ୍ରୀୟ ଓଡ଼ିଆ ଭାଷା ଇତିହାସରେ କର୍ମବୀର ଗୌରୀଶଙ୍କର ରାୟ ଜଣେ ଗୌରବୋଜ୍ଜ୍ୱଳ-ପ୍ରତିଭାସମ୍ପନ୍ନ ବିରଳ ବ୍ୟକ୍ତି ଭାବରେ ଚିର ନମସ୍ୟ ।




**ପୂର୍ବତନ ସଭାପତି**
**ଉତ୍କଳ ସାହିତ୍ୟ ସମାଜ**

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଫେବୃୟାରୀ ୨୦୨୪ ସୋମବାର



# ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ପାଲଟିଛି ଭୂତକୋଠି



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଞ୍ଚାୟତ ଓରିକଣ୍ଟା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ଭୂତକୋଠି ପାଲଟିଥିବାର ଅଭିଯୋଗ ହୋଇଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ଲୋକଙ୍କ କୌଣସି କାମରେ ଆସୁନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏହି କେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ ପାଳଦା, ବନ୍ଧୁପୁର, ସାନ୍ତପୁର ପ୍ରଭୃତି ଗ୍ରାମପଞ୍ଚାୟତର ଶହ ଶହ ଗାଇଗୋରୁ ଛେଳିମେଣ୍ଢା ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି । ଦୀର୍ଘ ଦିନ ହେଲା ଏହି କେନ୍ଦ୍ରରେ ତାଲା ଝୁଲୁଥିଲା ବେଳେ କେନ୍ଦ୍ରଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏପରିକି ଏହି କେନ୍ଦ୍ର ଭିତରେ ଲୁହା ରଡ ରଖାଯାଇ ବ୍ୟବସାୟ କରାଯାଉଥିବାର ଅଭିଯୋଗ ହୋଇଛି । ଏହି କେନ୍ଦ୍ରରେ କୌଣସି କର୍ମଚାରୀ ନଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ସ୍ଥାନୀୟ ଲୋକେ ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି । ତେବେ କର୍ମଚାରୀ ନଥାଇ ଗୃହ ନିର୍ମାଣ କରାଯିବା କାହା ସ୍ୱାର୍ଥ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାନ୍ତପୁର ସମିତି ସଭ୍ୟ ବିଶ୍ୱନାଥ ନାୟକ ଦୃଢ ଦାବି କରିଛନ୍ତି ।

# ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ ଚମକିଲେ ମୟୂରଭଞ୍ଜର କୁନି କଳାକାର ତୁଫାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କୋଲକାତା ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ ବାରିପଦାର ଦୀପକ କୁମାର ବେଶ୍ରାଙ୍କ ନିର୍ଦ୍ଦେଶିତ ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର ପପାୟା ଶ୍ରେଷ୍ଠ ସାନ୍ତାଳୀ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି । ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିବା ତୁଫାନ ସୋରେନ ଶ୍ରେଷ୍ଠ ଶିଶୁ କଳାକାର ଭାବେ ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ୩୪ଟି ଦେଶ ସମେତ ୨୭୦ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟରୁ ପପାୟା ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଥିବାରୁ ନିର୍ଦ୍ଦେଶକ ଓ କଳାକାରଙ୍କ ପାଇଁ ପ୍ରଶଂସାର ସୁଅ ଛୁଟିଛି । ବାରିପଦା ବ୍ଲକ ଅନ୍ତର୍ଗତ ବଡ଼ବିଲା ଗ୍ରାମର ପିତା ରାଜୀବ ସୋରେନ ଓ ମାତା ଶାର ସୋରେନଙ୍କ ପୁତ୍ର ତୁଫାନ ବର୍ତ୍ତମାନ ତାଳଡିହା କଲୋନୀସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ର । ଏହି ଖବରପାଇ ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପମା ସେନାପତି ତାଙ୍କ ବିଦ୍ୟାଳୟ ପାଇଁ ତୁଫାନ ଗୌରବ ଆଣିଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଶିକ୍ଷାର ଅଭାବ ହେତୁ ଜଣେ ପିଲା କିପରି ଏକ ସାଧାରଣ ଅମୃତଭଣ୍ଡା ପାଇଁ ସଂଘର୍ଷ କରେ ତାହା କାହାଣୀର ବିଷୟବସ୍ତୁ ବୋଲି ନିର୍ଦ୍ଦେଶକ ଶ୍ରୀ ବେଶ୍ରା ଜଣାଇଛନ୍ତି । ପ୍ରକାଶଥାଉକି ଶ୍ରୀ ବେଶ୍ରାଙ୍କ ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର ଦୁଲାର ଦୋରହା, ସେକ୍ରେଡ଼ ଗୁଲାଚି, ମୋହତ ଓ ତେଲୁଗୁ କ୍ଷୁଦ୍ର ଚଳଚ୍ଚିତ୍ର ମାଲାପୁ ଏହା ପୂର୍ବରୁ ବ୍ରାଜିଲ, କୋଲକାତା ସମେତ ବିଭିନ୍ନ ଉତ୍ସବରେ ପୁରସ୍କୃତ ହୋଇସାରିଛି ।



# କୁଷ୍ଠମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ସଭା ପ୍ରକୋଷ୍ଠରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ବିଶ୍ୱ ରଞ୍ଜନ ପତିଙ୍କ ଅଧକ୍ଷତାରେ ବିଶ୍ୱ କୁଷ୍ଠ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମନୋଜ କୁମାର ଅଦାବର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ ) ଡ଼ା. ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି ଓ କୁଷ୍ଠ) ଡ଼ା. ମଞ୍ଜୁରାଣୀ ସିଂ, ଜିଲ୍ଲା ସାମ୍ବାଦିକ ସଭାପତି ଗୋରେଖନାଥ ସାହୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ କୁମାର ପଣ୍ଡା ଓ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥିବୃନ୍ଦ ବିଶ୍ୱ କୁଷ୍ଠ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ସମାଜକୁ ସଚେତନତା ମାଧ୍ୟମରେ କୁଷ୍ଠମୁକ୍ତ ସମାଜ ଗଠନ କରି ଏକ ସୁସ୍ଥ ସୁନ୍ଦର ଭାରତ ଗଠନ କରିବାରେ ସହାୟକ ହୋଇ ପାରିବ । ଏ ବର୍ଷର ସ୍ଲୋଗାନ ହେଲା 'ଆସ କୁଷ୍ଠ ସଙ୍ଗେ ଲଢ଼ିବା, ଅତୀତକୁ ତାକୁ ତଡିବା' । ଉକ୍ତ କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ସାହୁ ସ୍ୱାସ୍ଥ୍ୟ ପରିଚାଳକ, ନୃସିଂଘ ମିଶ୍ର ଲେପ୍ରା ସୋସାଇଟି ମେମ୍ବର ଓ ବର୍ଷାରାଣୀ ସାହୁ ସହଯୋଗ କରିଥିଲେ । ୧୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭାରେ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟାଧିକାରୀ, ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜ୍ଞାନଜିତ ଶତପଥି ଜିଲ୍ଲା କୁଷ୍ଠ କନ୍‌ସଲଟାଣ୍ଟ ଇନ୍‌ଚାର୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।

## — ସାଇକେଲ ଚାଳକଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା —

# ୪ ଗିରଫ:୨ ବାଇକ୍ ଓ ୧୧,୪୫୦ ଟଙ୍କା ଜବତ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନାର ଗଣେଶପୁର - ସିନ୍ଦୁରପୁର ରାସ୍ତାରେ ସାଇକେଲ ଆରୋହି ଠାରୁ ୨୨ ହଜାର ଟଙ୍କା ଲୁଟିନେବା ନେଇ ବିନିକା ଥାନାରେ ବିହାର ସ୍ଥାଇ ବାସିନ୍ଦା କିଶନ କୁମାର ଲିଖିତ ଅଭିଯୋଗ କରିବାପରେ ବିନିକା ଥାନାରେ ଏକ ମକଦ୍ଦମା କେସ୍ ନମ୍ବର୍ ୨୫/୨୪ ଅନୁସାରେ ରୁଜୁ କରି ତଦନ୍ତ ଚଳାଇଥିଲା । ଏନେଇ ବିନିକା ପୁଲିସକୁ ବଡ଼ ସଫଳତା ମିଳିଛି । ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରିବା ସହ ଡ଼କାୟତିରେ ବ୍ୟବହାର ହୋଇଥିବା ୨ ବାଇକ୍ ସହ ତାଙ୍କ ଠାରୁ ୧୧୪୫୦ ଟଙ୍କା ଜବତ କରିଥିବା ବିନିକା ଥାନାରେ ଏସପି ଯସପ୍ରତାପ ଶ୍ରୀମାଳ ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି । ଅଭିଯୁକ୍ତ ହେଲେ ବିନିକା ଥାନା ଅଧିନସ୍ଥ ବିଶାଳପାଲି ଗ୍ରାମ ଗୋପାଳ କିଶୋର ଛତ୍ର (୩୨), ଫୁଲମୁଠି ସୁନିଲ ଛତ୍ରିଆ (୨୫), ଡ଼ଭଲାର ଯୋଗେଷ ସୁନା (୩୦) ଏବଂ ଜଣେ ନାବାଳକକୁ ଗିରଫ କରିଥିବା ସୂଚନା ଦେଇଛନ୍ତି । ପରେ ଅଭିଯୁକ୍ତମାନଙ୍କୁ ବିନିକା କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ୩ ଜଣଙ୍କୁ ସୋନପୁର ଜେଲ ହାଜତକୁ ଓ ନାବାଳକୁ ବଉଦକୁ ପଠା ହୋଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସଡ଼ିପିଓ ପ୍ରତାପ ତ୍ରିପାଠୀ, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଚେତନା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଚେତନା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ପ୍ରଭାତ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଶିବଦତ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସଂସଦ ବୌଦ୍ଧର ଆବାହକ ନୀଳଲୋହିତ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସୁଶ୍ରୀ ସୋନାଲି ପ୍ରଧାନ, ଗ୍ରନ୍ଥାଗାରିକ ସୁଧାଂଶୁ ଶେଖର ପ୍ରଧାନ, ଖେଳ ଶିକ୍ଷକ ସୁବାଷ ଭୋଇ, ନୋଡାଲ ଅଧିକାରୀ ଧ୍ରୁବ ଚରଣ ପାଣିଗ୍ରାହୀ ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ କାର୍ଯ୍ୟକ୍ରମକୁ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ସୁଶ୍ରୀ ଲିପାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଗୋପାଳପୁର ମହୋତ୍ସବ ପଲ୍ଲୀଶ୍ରୀ ମେଳାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଭୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ମହୋତ୍ସବ ପୂର୍ବରୁ ଦର୍ଶକ ପଲ୍ଲୀଶ୍ରୀ ମେଳାକୁ ଯାଇ ନିଜ ମନପସନ୍ଦର ସାମଗ୍ରୀ କ୍ରୟ କରୁଥିଲେ । ପଲ୍ଲୀଶ୍ରୀ ମେଳାରେ ଜିଲ୍ଲା, ରାଜ୍ୟ ସମେତ ରାଜ୍ୟ ବାହାର ବ୍ୟବସାୟୀ ସାମିଲ୍ ହୋଇଥିଲେ । ଏହି ମେଳାରେ ତାମିଲନାଡ୍ଡୁ, ରାଜସ୍ଥାନ, ଜାମ୍ମୁକାଶ୍ମୀର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ବିହାରର, ଗୁଜରାଟ ଭଳି ରାଜ୍ୟରୁ ବ୍ୟବସାୟୀମାନେ ଆସିଥିଲେ । ବିଶେଷ କରି କନ୍ଧମାଳ ଜିଲ୍ଲାର ହଳଦୀ, ନୟାଗଡ଼ ଜିଲ୍ଲାର ଛେନାପୋଡ଼ ବିକ୍ରି ହେଉଥିବା ଷ୍ଟଲରେ ଲୋକଙ୍କ ଭିଡ଼ି ଜମୁଥିଲା । ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟକ ମହିଳା ସଂଘର ସଦସ୍ୟମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀକୁ ବିକ୍ରି କରିଥିଲେ । ପଲ୍ଲୀଶ୍ରୀ ମେଳାରେ ମୋଟ ୨୫୭ଟି ଷ୍ଟଲ୍ ସହ ୨୫ଟି ଫୁଡ୍‌ଷ୍ଟଲ୍ ହୋଇଥିଲା । ବିଶେଷ କରି ସୋନପୁରର ସମ୍ବଲପୁରୀ ଶାଢ଼ୀ, ବରଗଡ଼ର ମାଟି ନିର୍ମିତ ସାମଗ୍ରୀ, ଜାମ୍ମୁ କାଶ୍ମୀରର ଶୀତବସ୍ତ୍ର ପ୍ରତି ଗ୍ରାହକଙ୍କ ଭିଡ଼ ରହିଥିଲା । ମିଳିଥିବା ସୂଚନା ଅନୁଯାୟୀ ଚଳିତ ଥର ଭଞ୍ଜନଗର ମା' ବୀଣାପାଣି ଟେଲରିଂ ମହିଳା ସଂଘ ୧ ଲକ୍ଷ ୩୫ ହଜାର ୩ ଶହ ଟଙ୍କାର ସାମଗ୍ରୀ ବିକ୍ରି କରିଥିବା ଜଣାଯାଇଛି । ତେବେ ଏହି ମେଳାରେ ପ୍ରଥମ ଦିନରେ ୧୪ ଲକ୍ଷ ୪୨ ହଜାର, ଦ୍ୱିତୀୟ ଦିନରେ ୨୪ ଲକ୍ଷ ୫୪ ହଜାର, ତୃତୀୟ ଦିନରେ ୨୭ ଲକ୍ଷ ୭୮ ହଜାର ଓ ଶେଷ ଦିନରେ ୩୬ ଲକ୍ଷ ୩୧ ହଜାର ଟଙ୍କା ବିକ୍ରି ହୋଇଥିବା ସୂଚନା ମିଳିଛି । ପ୍ରଶାସନ ପକ୍ଷରୁ ବେଷ୍ଟ ଡ଼ିସ୍‌ପ୍ଲେ ଷ୍ଟଲ୍ ଭାବେ ସମ୍ବଲପୁରର ମା' ପାଟଣେଶ୍ୱରୀ ଏସ୍‌ଏଚ୍‌ଜି ପ୍ରସ୍ତୁତ ବାଉଁଶ ସାମଗ୍ରୀ, ବେଷ୍ଟ ପ୍ୟାକେଜିଂ ଭାବେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍‌ର ଚନ୍ଦ୍ରଚୁଡ଼େଶ୍ୱର ଏସ୍‌ଏଚ୍‌ଜି, ବେଷ୍ଟ୍ ସେଲସ୍‌ମ୍ୟାନ୍ ଭାବେ ତାମିଲନାଡୁର ଦୀପମ୍‌ଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ।

## କୁଏତରେ ଭାରତୀୟ ପ୍ରବାସୀ ପରିଷଦର ଗଣତନ୍ତ୍ର ଦିବସ ପାଳନ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀ ପ୍ରବାସୀ ପରିଷଦ (ବିପିପି) ଗଣତନ୍ତ୍ର ଦିବସକୁ ସ୍ମରଣ କରି ଜାନୁଆରୀ ୨୬, ୨୦୨୪ ରେ ନଶାଦଙ୍କ ରେଷ୍ଟୁରାଣ୍ଟ - ଫରାନିଆ, କୁଏତରେ ଭାରତୀୟ ପ୍ରବାସୀ ପରିଷଦ ସଂଘର ନୂତନ ୱେବସାଇଟ ଓ ଆପ ଉଦ୍‌ଘାଟନ ହୋଇଯାଇଛି । ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭି ମୁରଲୀଧରନଙ୍କ ସଭାପତିତ୍ୱରେ ବିପିପି ସଭାପତି ସୁଧୀର ମେନନ ଏବଂ ବିପିପି ସାଧାରଣ ସମ୍ପାଦକ ରାଜେଶ ଆର ସୁଜିତ ସୁରେଶନ୍, ସାମ୍ବାଦିକ, ଜନମ ଟିଭି ବିପିପି ଦ୍ୱାରା ସମ୍ମାନିତ ହୋଇଥିଲେ । ସୁଧୀର ମେନନ୍, ସଭାପତି, ବିପିପି, ନିଜର ସଂକ୍ଷିପ୍ତ ଭାଷଣ ଦେବା ସହିତ ନିଜର ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେହିଭଳି ୭୫ତମ ଗଣତନ୍ତ୍ର ଦିବସରେ ଶୁଭେଚ୍ଛା ଜଣାଇଲେ ବିଶ୍ୱ ରଞ୍ଜନ ସାହୁ । ସୁରକ୍ଷାବଳର ସ୍ୱପ୍ନକୁ ସାକାର କରିବାକୁ ହେଲେ ଆମକୁ ଏକଜୁଟ୍ ହୋଇ ଆଗକୁ ବଢ଼ିବାକୁ ପଡ଼ିବ । ସ୍ୱତନ୍ତ୍ରତା ସୁରକ୍ଷାବଳ, ସମ୍ବିଧାନ ନିର୍ମାତା ଏବଂ ବୀର ଯବାନଙ୍କୁ ସଲାମ କରିଛନ୍ତି ଗଣତନ୍ତ୍ରର ରକ୍ଷା ଓ ମଜବୁତ କରିବା ଆମର କର୍ତ୍ତବ୍ୟ । ବିଶେଷ ଭାବରେ ଆମର ସମସ୍ତ ମିଶନ ଏବଂ ଲକ୍ଷ ହେଉଛି ୨୦୩୬ ମସିହାରେ ଏକ ସମୃଦ୍ଧ ସୁନାର ଓଡ଼ିଶା ଦେବା ପାଇଁ ନିର୍ଦ୍ଦେଶିତ ହେବା ଉଚିତ ଓ ଏହା ଆମର ଲକ୍ଷ୍ୟ ଭାରତ ସେବା ଦର୍ଶନ ଚରିଟେବୁଲ ଟ୍ରଷ୍ଟର ଅଧକ - ଓଡ଼ିଶା, ବିଶ୍ୱ ରଂଜନ ସାହୁ କହିଛନ୍ତି ଯେ, ଯୁବକ, ମହିଳା ସଶକ୍ତିକରଣ ଏବଂ ବଞ୍ଚିତ ଲୋକଙ୍କ ପାଇଁ, ଶିକ୍ଷା, ସ୍ୱାସ୍ଥ୍ୟସେବା ନାଗରିକଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ସୁବିଧା ଦ୍ୱାରା ସାମାଜିକ ନ୍ୟାୟ ହାସଲ କରିବା ଆମର କର୍ତ୍ତବ୍ୟ ଓ ଜାତି, ଧର୍ମ, ଲିଙ୍ଗ, କିମ୍ବା ରାଜନୀତି ନିର୍ବିଶେଷରେ ଦଳ ଭାରତ ସେବା ଦର୍ଶନ ଫାଉଣ୍ଡେସନ ସଂସ୍ଥା ଅସହାୟ, ଗରିବ ଲୋକଙ୍କୁ ସଶକ୍ତ କରିଥାଏ । ଏହି ଫାଉଣ୍ଡେସନ ପ୍ରତିଷ୍ଠା ହେବା ପରଠାରୁ ଗ୍ରାମୀଣ ଶିକ୍ଷା, ତାଲିମ, ସ୍ୱାସ୍ଥ୍ୟ ଏବଂ ପରିବେଶ କାରଣକୁ ସମର୍ଥନ କରିଆସୁଛି । ଗ୍ରାମୀଣ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଶ୍ରମ ନିୟମର ସମ୍ପୂର୍ଣ୍ଣ ସହଯୋଗ ସହିତ ଦେଶର ସମସ୍ତ ନାଗରିକ ଓ ପ୍ରବାସୀ ଶ୍ରମିକଙ୍କୁ ସର୍ବଦା ସହଯୋଗର ହାତ ବଢ଼ାଇଥାଏ । ମାନବ ସେବା ହିଁ ମାଧବ ସେବା ଓ ଭାରତ ସେବା ଦର୍ଶନର ମୂଳ ଲକ୍ଷ୍ୟ ବିଶ୍ୱରଂଜନ ସାହୁ କହିଛନ୍ତି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷାକାରୀ ସଂଗଠନରେ କାର୍ଯ୍ୟ କରୁଥିବା ସମସ୍ତ ସାମାଜିକ କର୍ମୀଙ୍କୁ ନିଜର ଆନ୍ତରିକ ଅଭିନନ୍ଦନ ଶୁଭେଚ୍ଛା ଜଣାଇଛନ୍ତି ।

# ଜଗତସିଂହପୁରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଠାରେ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତଥା ଶ୍ରମ ଓ କର୍ମଚାରୀ, ରାଜ୍ୟ ବୀମା ବିଭାଗ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ନିର୍ମାଣ ଶ୍ରମିକ ମାନଙ୍କୁ ଦେଶ ତଥା ରାଜ୍ୟର ପ୍ରଗତିର ସୂତ୍ରଧର ବୋଲି ସମ୍ବୋଧନ କରି ସେମାନଙ୍କ ଯୋଗୁଁ ଉନ୍ନତିର ପରିବର୍ତ୍ତିତ ରୂପରେଖ ସମସ୍ତଙ୍କ ସାମନାରେ ପ୍ରଦର୍ଶିତ ହୋଇପାରିଛି ବୋଲି କହିଥିଲେ । ସେମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ଅବଗତ ତଥା ସଚେତନ କରାଇବା ପାଇଁ ଶ୍ରୀ ମୁଦୁଲି ଜିଲ୍ଲା ଶ୍ରମ ବିଭାଗର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ମହିଳା ମାନଙ୍କୁ ସମସ୍ତ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ କହିଥିଲେ ବିଧାୟକ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ଉପସ୍ଥିତ ସମସ୍ତ ଶ୍ରମିକ ଭାଇ ଭଉଣୀ ମାନଙ୍କୁ ଶ୍ରମ କାର୍ଡ କରିବା ସହ ପ୍ରତିବର୍ଷ ମାତ୍ର ୫୦ ଟଙ୍କା ବିନିମୟରେ, ଯେ କୌଣସି ମୋ ସେବା କେନ୍ଦ୍ରକୁ ଯାଇ କାର୍ଡର ନବୀକରଣ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ମ୍ୟୁନିସିପାଲିଟିର ଅଧକ୍ଷା ଅର୍ଚ୍ଚନା ସିଂହ, ଜଗତସିଂହପୁର ବ୍ଲକ୍ ଅଧକ୍ଷା କନକପ୍ରଭା ଲେଙ୍କା, ଜଗତସିଂହପୁର ବ୍ଲକ୍ ଉପାଧକ୍ଷ ରତିରଞ୍ଜନ ବେହେରା ଶ୍ରମ ଓ ଶ୍ରମିକର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ଉନ୍ନୟନ ମୂଳକ ଯୋଜନାର ନିଜେ ଲାଭ ଉଠାଇବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଉପସ୍ଥିତ ଶ୍ରମିକ ଭାଇ ଭଉଣୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏହି ଶିବିରରେ ଜଗତସିଂହପୁର ବ୍ଲକ୍‌ର ୯୬୩ ଜଣ ହିତାଧିକାରୀଙ୍କୁ ଶିକ୍ଷା ବୃତ୍ତି, ବିବାହ ସହାୟତା, ପ୍ରସୂତୀ କାଳୀନ ସହାୟତା, ମୃତ୍ୟୁ ଓ ଅନ୍ତେଷ୍ଟି କ୍ରିୟା ସହାୟତା ରାଶି ବାବଦରେ ମୋଟ ୪,୪୦,୫୨,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବିଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେବାସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଏବଂ ସହାୟକ ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରଖଣ୍ଡ ସ୍ତରୀୟ ବୈଠକ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ହିନ୍ଦୁ ପରିଷଦ ରେଙ୍ଗାଲି ପ୍ରଖଣ୍ଡର ପ୍ରଖଣ୍ଡ ସ୍ତରୀୟ ବୈଠକ କତରବଗା ସରସ୍ୱତୀ ଶିଶୁ ମନ୍ଦିର ଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କେନ୍ଦ୍ରୀୟ ସମ୍ପାଦକ ତଥା ଅଖିଳ ଭାରତୀୟ ସତ୍‌ସଙ୍ଗ ପ୍ରମୁଖ ଡ. ବସନ୍ତ ରଥ ମାର୍ଗଦର୍ଶନ କରିଥିଲେ । ଏଥିରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥାନାପତି, ସମ୍ବଲପୁର ଜିଲ୍ଲା ସଭାପତି ସମ୍ପୂର୍ଣ୍ଣାନନ୍ଦ ସାହୁ, ଜିଲ୍ଲା କୋଷାଧକ୍ଷ ଚମ୍ପେଶ୍ୱର ଅଗ୍ରୱାଲ, ପ୍ରଖଣ୍ଡ ସଭାପତି ଶୁଶିଲ କୁମାର ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଖଣ୍ଡ ସମ୍ପାଦକ ଲକ୍ଷ୍ମଣ ଖମାରୀ ବୈଠକ ପରିଚାଳନା କରିଥିବା ବେଳେ, କିଛି ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଲଇଡା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରସାନନ୍ଦ ସାଥୁଆଙ୍କୁ ରେଙ୍ଗାଲି ପ୍ରଖଣ୍ଡର କାର୍ଯ୍ୟକାରୀ ସଭାପତି, ଧବଳେଶ୍ୱର ମାହାଣାଙ୍କୁ ସମରସତା ପ୍ରମୁଖ, ସନ୍ଦେଶ ପୁଷ୍ଟିଙ୍କୁ ସହ ସମ୍ପାଦକ ଦାୟିତ୍ୱ ଦିଆଯାଇଥିଲା । ତତ୍ ସଙ୍ଗେ ସଙ୍ଗେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ କତରବଗା ଖଣ୍ଡ ସଭାପତି ଓ ଅର୍ଜୁନ ସାହୁଙ୍କୁ ବୋମାଲୋଇ ଖଣ୍ଡ ସଭାପତି ଦାୟିତ୍ୱ ଅର୍ପଣ କରାଯାଇଥିଲା ।



## ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନର ସାଧାରଣ ପରିଷଦ ବୈଠକ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନର ସାଧାରଣ ପରିଷଦ ବୈଠକ ଓ ବଣଭୋଜି ବ୍ୟାସ ସରୋବର ସ୍ଥିତ ବ୍ୟାସ ଭୂମି ମହିମା ସେବା ଚରିଟେବୁଲ ଟ୍ରଷ୍ଟ ନିକଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ ସମ୍ପାଦକୀୟ ବିବରଣୀ ସହିତ ୨୦୨୩ ବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ଏହି ଅବସରରେ ସଭାପତି ଭାବେ ହାରାଧନ ବାନାର୍ଜୀ ଓ ସାଧାରଣ ସମ୍ପାଦକ ଭାବେ ଚିନ୍ତାମଣି ପାଢ଼ୀ ପୂର୍ବପରି କାର୍ଯ୍ୟ ତୁଲାଇବେ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ଗୃହୀତ ହୋଇଥିଲା । ଆଗାମୀ ଦିନରେ ବର୍ଷବ୍ୟାପି ସଂଘର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ବନ୍ଧରେ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ସଭାପତି ଶ୍ରୀ ବାନାର୍ଜୀ ଓ ସମ୍ପାଦକ ଶ୍ରୀ ପାଢୀଙ୍କ ସମେତ ବୈଠକରେ ବରିଷ୍ଠ ସାମ୍ବାଦିକ ଶରତ ପଥଲ, ବିଜୟ କୁମାର ସାହୁ, ଉମାକାନ୍ତ ରାଉତ, ଦୁଷ୍ମନ୍ତ ରାଉତ, ଯଜ୍ଞଦତ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ ବୋଇତେଇ, ଦେବେନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ପାତ୍ର, ଭରତ ରାଉତ, କୈଳାଶ ରାଉତ, ଜ୍ଞାନରଞ୍ଜନ ରାଉତ, ବିଶ୍ୱରଞ୍ଜନ ପଟ୍ଟନାୟକ ଓ ସୁଦିପ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ଏବଂ ଶେଷରେ ଭରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା ପ୍ରଶସ୍ତୀକରଣ ପାଇଁ ଗ୍ରାମାବସୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଟାଉନ୍ ସଂଲଗ୍ନ ଦିନବନ୍ଧୁ ସାହୁ ଆଇନ ମହା ବିଦ୍ୟାଳୟ ଠାରେ ଥିବା ଗୁଆଲସିଂହ ମୌଜାର କେନ୍ଦ୍ରାପଡା ପବ୍ଲିକ ସ୍କୁଲ ଠାରୁ ଠାକୁରହାଟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି । ପ୍ରଶାସନ ତରଫରୁ ଏହି ରାସ୍ତାଟି ବର୍ତ୍ତମାନ ଅତି ଅଣ ଓସାରିଆ ଭାବେ ଠିକାଦାର କାମ କରୁଥିବାରୁ ଯାତାୟାତରେ ପ୍ରବଳ ଅସୁବିଧା ହେବା ସହ ଚାରି ଚକିଆ ଓ ଦୁଇ ଚକିଆ ଯାନ ଅତିକ୍ରମ କରିବା କଷ୍ଟକର ହୋଇପଡିଛି । ତୁରନ୍ତ ଏହି ରାସ୍ତାକୁ ପ୍ରଶସ୍ତୀକରଣ କରିବା ପାଇଁ ନିବେଦିତା ନାୟକ, କବିତା ନାୟକ, ଶୁଭାଶିଷ ଜେନା, ଆରତୀ ବେହେରା, ଲକ୍ଷ୍ମୀପ୍ରିୟା ଦାସ, ସୁରେଶ ଚନ୍ଦ୍ର ସ୍ୱାଇଁ, ହେମାମାଳିନୀ ନାୟକ, ସାଗରିକା ମହାନ୍ତି, ବବିତା ବରାଳ, ରଶ୍ମିତା ସାମଲ ପ୍ରମୁଖ ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର (ରାଜସ୍ୱ)ଙ୍କ ଠାରେ ଦାବି କରିଛନ୍ତି ।



# ପରିବାର ପାଇଁ ବୋଝ ହୋଇନାହାନ୍ତି ଦିବ୍ୟାଙ୍ଗ ଶିବାନୀ ଓ ମମତା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୁଅ-ଝିଅ ଭେଦଭାବ ଦୂର ପାଇଁ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବେଟି ବଚାଓ ବେଟି ପଢ଼ାଓ ଯୋଜନାରେ ଶିଶୁକନ୍ୟାର ସୁରକ୍ଷା, ଝିଅମାନଙ୍କ କାର୍ଯ୍ୟଦକ୍ଷତା ଓ ସାମଗ୍ରିକ ବିକାଶ ପାଇଁ କାମ କରାଯାଉଛି । ତଥାପି ଲୋକେ ଏ ଦିଗରେ ସଚେତନ ହେଉନାହାନ୍ତି । ଝିଅ ଜନ୍ମ ପରେ ପରିବାରବର୍ଗ ତାକୁ ବୋଝ ବୋଲି ଭାବୁଛନ୍ତି । କିନ୍ତୁ ଏହାକୁ ଭୁଲ ପ୍ରମାଣିତ କରି ଦେଖାଇଛନ୍ତି ଦୁଇ ଦିବ୍ୟାଙ୍ଗ ଝିଅ ଏମ୍. ଶିବାନୀ ଓ ମମତା ଭୂୟାଁ । ଉଭୟଙ୍କ ଆଖିକୁ ଦେଖାଯାଉନାହିଁ । ଦୁନିଆକୁ ଦେଖିବା, ଚିହ୍ନିବା ବୟସରେ ପିଲାରୁ ଉଭୟେ ଦୃଷ୍ଟିଶକ୍ତି ହରାଇ ବସିଥିଲେ । ବୟସ ବଢ଼ିବା ଅନୁସାରେ ସମସ୍ୟା ବଢ଼ି ଚାଲିଲା । ତଥାପି ସେମାନେ ଭାଙ୍ଗି ପଡ଼ିନଥିଲେ । ଜୀବନଯୁଦ୍ଧରେ ଏକାକୀ ଯୋଦ୍ଧା ସାଜି ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇଛନ୍ତି ଶିବାନୀ ଓ ମମତା । ଉଭୟେ ବ୍ରହ୍ମପୁର ସହର ରାସ୍ତାକଡ଼ରେ ଏକ ଅସ୍ଥାୟୀ ଦୋକାନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେମାନେ କେବେ ହେଲେ ପରିବାର ଉପରେ ବୋଝ ହୋଇନାହାନ୍ତି ବରଂ ପରିବାର ଚଳାଇବାରେ ସହାୟକ ହୋଇଛନ୍ତି । ଏମାନଙ୍କ ଏଭଳି ଦୃଢ଼ ମନୋବଳ ଆଗରେ ଶାରୀରିକ ଅକ୍ଷମତା ହାର୍ ମାନିଛି । ଦିଗପହଣ୍ଡି ବ୍ଲକ୍ ବାସୁଦେବପୁର ଗ୍ରାମର ଏମ୍. ବୀର ଓ ଏମ୍ କାରିଆମ୍ମାଙ୍କ ଝିଅ ହେଉଛନ୍ତି ଶିବାନୀ । ତାଙ୍କର ଗୋଟିଏ ଆଖିକୁ ଆଦୌ ଦେଖାଯାଉନଥିବା ବେଳେ ଗୋଟିଏ ଆଖି ଝାପ୍‌ସା ଦିଶୁଛି । ବାପା ବୀର ଆରପାରିକୁ ଚାଲିଗଲେଣି । ସେହିପରି



କୋଦଳା କୁସୁମପୁର ଗ୍ରାମର ଛଇଲ ଭୂୟାଁ ଓ ସୁମିତ୍ରା ଭୂୟାଁଙ୍କ ଝିଅ ମମତାଙ୍କ ମଧ୍ୟ ଦୃଷ୍ଟିଶକ୍ତି କମ୍ ରହିଛି । ସେହିପରି ତାଙ୍କର ଗୋଟିଏ ହାତ ଏବଂ ଗୋଡ଼ ମଧ୍ୟ ଭଲ ଭାବେ କାମ କରୁନାହିଁ । ଏଭଳି ସ୍ଥିତିରେ ଉଭୟଙ୍କୁ ବଞ୍ଚିବାର ରାହା ଦେଖାଇବା ସହିତ ପ୍ରେରଣାର ଉତ୍ସ ସାଜିଛି ପ୍ରଶାନ୍ତି ଟ୍ରଷ୍ଟ । ଏହି ଟ୍ରଷ୍ଟର ସଦସ୍ୟା ଭାବେ କାମ କରୁଛନ୍ତି ଶିବାନୀ ଓ ମମତା । ଇଞ୍ଜିନିୟରିଂ ସ୍କୁଲ ରୋଡ୍ ଫୁଟ୍‌ପାଥରେ ଏକ ଦୋକାନ କରି ସେଠାରେ ଫିନାଇଲ୍, ଧୂପପାଠି ସହିତ ବିଭିନ୍ନ ଷ୍ଟେସନାରୀ ଜିନିଷ ବିକ୍ରି କରୁଛନ୍ତି । ବିଭିନ୍ନ ସମୟରେ ସେମାନେ ଗାଁକୁ ଯାଉଥିବା କହିଛନ୍ତି । ପ୍ରଶାନ୍ତି ପବ୍ଲିକ ୱେଲ୍‌ଫେୟାର ଟ୍ରଷ୍ଟ୍ ଦୀର୍ଘ ବର୍ଷ ହେଲା ଏଭଳି ଭିନ୍ନକ୍ଷମ ପୁଅ-ଝିଅଙ୍କ ପାଇଁ ଲକ୍ଷ୍ୟ କରି ଆସୁଛି । ଏହି ଟ୍ରଷ୍ଟର ଏକ ଶାଖା ହେଉଛି ଶ୍ରୀରାମ ଭିନ୍ନକ୍ଷମ ହନୁମାନ ଚାଳିଶା ଗ୍ରୁପ୍ । ଅଳକାପୁରୀ ୧୧ତମ ଲାଇନ୍‌ରେ ରହିଥିବା ଏହି ଗ୍ରୁପ୍‌ରେ ଭିନ୍ନକ୍ଷମ ଯୁବକଯୁବତୀ ସଦସ୍ୟ/ସଦସ୍ୟା ରହିଛନ୍ତି । ପ୍ରତିଷ୍ଠାତା ଦେବାଶିଷ ପରମାଣିକ ମଧ୍ୟ ଜଣେ ଦୃଷ୍ଟିହୀନ । ଦୀର୍ଘ ୮ ବର୍ଷ ହେଲା ସେ ଭିନ୍ନକ୍ଷମ ଯୁବକ/ଯୁବତୀଙ୍କୁ ନେଇ ହନୁମାନ ଚାଳିଶା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି । ଏହା ବ୍ୟତୀତ ଗ୍ରୁପ୍‌ର ସଦସ୍ୟ ସଦସ୍ୟାଙ୍କୁ ନେଇ ଧୂପକାଠି, ଫିନାଇଲ୍ ଆଦି ତିଆରି କରୁଛନ୍ତି । ସେହି ସାମଗ୍ରୀଗୁଡ଼ିକ ଇଞ୍ଜିନିୟରିଂ ସ୍କୁଲ ଫୁଟ୍‌ପାଥ୍‌ରେ ବିକ୍ରି କରୁଛନ୍ତି । ବିଧାୟକ ଶ୍ରୀ ପଣ୍ଡା ବିଭିନ୍ନ ସମୟରେ ଏହି ଦିବ୍ୟାଙ୍ଗ ପିଲାଙ୍କୁ ସହାୟତା କରିଆସୁଛନ୍ତି । ମମତା ଓ ଶିବାନୀ ହିଁ ଦୋକାନର ସମସ୍ତ କାମ କରିଥାନ୍ତି ବୋଲି ଦେବାଶିଷ କହିଛନ୍ତି ।

## ଘରୋଇ ହିଂସା ସଂପର୍କରେ ଆଇନ ସଚେତନତା ଶିବିର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଘରୋଇ ହିଂସା ଓ ଲୋକ ଅଦାଲତ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଆଇନ ମହା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘରୋଇ ହିଂସାକୁ କିପରି ରୋକାଯାଇପାରିବ ଓ ଏହା ଉପରେ ଥିବା ସମସ୍ତ ଆଇନ ଓ ଲୋକ ଅଦାଲତର ସହଯୋଗ କିପରି ସାଧାରଣ ଲୋକେ ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ ଏହି ଶିବିରରେ ମହା ବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର କୁମାର ବଳଙ୍କ ସମେତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବାରବାଟୀରେ ଓଡ଼ିଶା ଓ ପୁଡୁଚେରୀ ରଣଜୀ ମୁକାବିଲା ଜାରି

**କଟକ**

ବାରବାଟୀ ଷ୍ଟାଡିୟମ୍‌ରେ ଓଡ଼ିଶା ଓ ପୁଡୁଚେରୀ ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲା ରୋମାଞ୍ଚକର ସ୍ଥିତିରେ ରହିଛି। ଘରୋଇ ଦଳ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଛି। ଦୁଇ ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକ ସାଙ୍ଗକୁ ଯୁବ ଖେଳାଳିଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ସମସ୍ତ ୱିକେଟ୍ ହରାଇ ୩୨୨ରନ୍ ସଂଗ୍ରହ କରିଛି। ଜବାବରେ ପୁଡୁଚେରୀ ପ୍ରଥମ ଇନିଂସ୍ ୪ ୱିକେଟ୍ ହରାଇ ୧୨୭ରନ୍ ସଂଗ୍ରହ କରିଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଅଧିନାୟକ ଅରୁଣ କାର୍ତ୍ତିକ ୭୭ ରନ ଓ ଫାବିଦ୍ ଅହମ୍ମଦ ୩୧ ରନ୍ କରି ଅପରାଜିତ ଅଛନ୍ତି। ବିପ୍ଳବଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ପରେ ପେସ୍ ବୋଲର ରାଜେଶ ମହାନ୍ତି ପୁଡୁଚେରୀର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟାଇଥିଲେ। ସେ ୨ଟି ୱିକେଟ୍ ନେଇ ୧୩ତମ ଓଡ଼ିଶା ବୋଲର ଭାବେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦୦ ୱିକେଟ୍ ପୂରଣ କରିଥିଲେ। ମାତ୍ର ୨୪ଟି ମ୍ୟାଚରୁ ୧୦୦ ୱିକେଟ୍ ପୂରଣ କରି ରାଜେଶ ଓଡ଼ିଶାର ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। ଦ୍ୱିତୀୟ ଦିନରେ ଓଡ଼ିଶା ଅସମାପ୍ତ ପ୍ରଥମ ଇନିଂସ୍ ୪/୨୩୦ରୁ ବ୍ୟାଟିଂ ଆରମ୍ଭ କରିଥିଲା। ବ୍ୟାଟର ଆଶୀର୍ବାଦ ବେହେରା ଅପରାଜିତ ବିପ୍ଳବଙ୍କ ସହ ମିଶି ସ୍କୋରକୁ ଆଗେଇ ନେଇଥିଲେ। ସ୍କୋର ୩୦୦ ଅତିକ୍ରମ କରିଥିଲା। ୧୧୪ତମ ଓଭରରେ ପେସ୍ ବୋଲର ସୌରଭ ଯାଦବ ଯୋଡ଼ି ଭାଙ୍ଗିଥିଲେ। ବିପ୍ଳବ ୮ଚୌକା ଓ ୧ଛକା ସହାୟତାରେ ୮୨ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ବ୍ୟାଟିଂ ବିପର୍ଯ୍ୟୟ। ୨୧ରନ୍ ମଧ୍ୟରେ ଦଳ ଶେଷ ୪ଟି ୱିକେଟ୍ ହରାଇ ମୋଟ୍ ୩୨୨ରେ ଅଲ୍ ଆଉଟ୍ ହୋଇଯାଇଥିଲା।

# ଶୁବମନଙ୍କ ଶତକ, ଇଂଲଣ୍ଡ ଆଗରେ ୩୯୯ ରନ୍‌ର ଟାର୍ଗେଟ

**ବିଶାଖାପାଟନମ**

ବିଶାଖାପାଟନମରେ ଖେଳାଯାଉଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୩୯୯ ରନ୍‌ର ଟାର୍ଗେଟ ଦେଲା ଭାରତ। ଦ୍ୱିତୀୟ ଇନିଂସରେ ଭାରତ ୨୫୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଲଗାତାର ତିନିଟି ଇନିଂସରେ ଖରାପ ପ୍ରଦର୍ଶନ କରିଥିବା ଶୁବମନ ଗିଲ୍ କମ୍‌ବ୍ୟାକ୍ କରିଛନ୍ତି। ୧୩୨ଟି ବଲରେ ଶତକ ହାସଲ କରିଛନ୍ତି। ଶୁବମନ ଏଥିରେ ୧୧ଟି ଚୌକା ଓ ୨ଟି ଛକା ରହିଛି। ଏହା ହେଉଛି ତାଙ୍କର ତୃତୀୟ ଟେଷ୍ଟ ଶତକ।



ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଇଂଲଣ୍ଡ ପ୍ରଥମ ଇନିଂସରେ ମାତ୍ର ୨୫୩ ରନ୍‌ରେ ଅଲ ଆଉଟ୍ ହୋଇଯିବା ପରେ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ଶନିବାର ଷ୍ଟମ୍ପ ଅପସାରଣ ବେଳକୁ ରୋହିତ ଶର୍ମା ୧୩ ରନ ଓ ଯଶସ୍ୱୀ ଜୈସ୍ୱାଲ ୧୫ ରନ କରି ଅପରାଜିତ ଥିଲେ। ରବିବାର ପୁଣି ଏହି ଓପନର ଯୋଡ଼ି ଦଳର ପାଳିକୁ ଆଗେଇ ନେବାକୁ ପଡ଼ିଆକୁ ଓହ୍ଲାଇଥିଲେ। କିନ୍ତୁ ଖୁବ୍ କମ୍ ସମୟ ମଧ୍ୟରେ ଦୁହେଁ ଆଉଟ୍ ହୋଇଯାଇଥିଲେ।

ରୋହିତ ୧୩ ରନ୍‌ରେ ଆଉଟ ହୋଇଯିବା ପରେ ଯଶସ୍ୱୀ ଆଉ ୨ ରନ କରି ୧୭ ରନ୍‌ରେ ପାଭିଲିଅନ ଫେରିଥିଲେ। ଏହାପରେ ତିନି ନମ୍ବରରେ ଆସିଥିବା ଶୁବମନ ଗିଲ୍ ଏବଂ ଶ୍ରେୟସ ଇନିଂସକୁ ଆଗେଇ ନେଇଥିଲେ। ସେମାନଙ୍କ ମଧ୍ୟରେ ୮୧ ରନ୍‌ର ପାର୍ଟନରସିପ୍ ହୋଇଥିଲା। କିନ୍ତୁ ୨୯ ରନ କରିଥିବା ବେଳେ ଟମ୍ ହାର୍ଟଲୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଶ୍ରେୟସ ପରେ ପରେ ରଜତ ପଟିଦାର ୯ ରନ କରି ଆଉଟ ହୋଇଯାଇଥିଲେ। ପଟିଦାର ପାଭିଲିଅନ ଫେରିବା ପରେ ଗିଲଙ୍କ ସାଥ୍ ଦେଇଥିଲେ ଅକ୍ଷର ପଟେଲ।

ପଞ୍ଚମ ୱିକେଟ୍‌ରେ ଶୁବମନ ଗିଲ୍ ଓ ଅକ୍ଷର ପଟେଲଙ୍କ ମଧ୍ୟରେ ୮୯ ରନ୍‌ର ପାର୍ଟନରସିପ୍ ହୋଇଥିଲା। ଶୁବମନ ଗିଲ ୧୦୪ ରନ (୧୪୭ ବଲ୍) କରି ଆଉଟ ହୋଇଯାଇଥିଲେ। ଶୁବମନଙ୍କ ପରେ ଅକ୍ଷର ମଧ୍ୟ ୪୫ ରନ କରିଥିବା ବେଳେ ଟମ୍ ହାର୍ଟଲିଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ।

ଶ୍ରିକାର ଭରତ ଏବଂ ରବୀଚନ୍ଦ୍ରନ ଅଶ୍ୱିନୀ ଲମ୍ବା ପାଳି ଖେଳିବା ନେଇ ଆଶା କରାଯାଉଥିଲା, ମାତ୍ର ନିରାଶ କରିଥିଲେ ଶ୍ରିକାର। ସେ ମାତ୍ର ୬ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ମୈଦାନକୁ ଆସିଥିବା କୁଲଦୀପ ଯାଦବ, ଯଶ୍‌ପ୍ରୀତ ବୁମ୍‌ରା ଏବଂ ମୁକେଶ କୁମାର ଖାତା ଖୋଲି ପାରିନଥିଲେ। ମୁକେଶ ଅପରାଜିତ ରହିଥିଲେ, କିନ୍ତୁ ଅଶ୍ୱିନୀ ୨୯ ରନ କରିଥିବା ବେଳେ ରେହାନ ଅହମଦଙ୍କ ବଲର ଶିକାର ହୋଇଥିଲେ।

ଏହି ସମୟରେ ଭାରତ ସମସ୍ତ ୱିକେଟ ହରାଇ ୨୫୫ ରନ ସଂଗ୍ରହ କରିଥିଲା। ଇଂଲଣ୍ଡ ପକ୍ଷରୁ ଟମ୍ ହାର୍ଟଲିଙ୍କୁ ସର୍ବାଧିକ ଚାରି ୱିକେଟ ମିଳିଥିଲା।

# କ୍ରିଏଟିଭ୍ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡ଼ାଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଲୁମ୍ବିନୀବିହାର ସ୍ଥିତ କ୍ରିଏଟିଭ୍ ସ୍କୁଲରେ ପ୍ରଥମ ବାର୍ଷିକ କ୍ରୀଡ଼ାଉତ୍ସବ ସ୍କୁଲର ପ୍ରତିଷ୍ଠାତ୍ରୀ ସୁସ୍ମିତା ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷା ଶ୍ରୀମତୀ ଶତପଥି ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅତିଥି ଭାବେ ପ୍ରୀତି ଧଳ, ସୁଧାଂଶୁ ମହାପାତ୍ର, ଚନ୍ଦନା ତ୍ରିପାଠୀ ଓ ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସେମାନଙ୍କର କଳାନୈପୁଣ୍ୟ ତଥା ଦକ୍ଷତାକୁ ପ୍ରତିପାଦନ କରିଥିଲେ। ଗତ ନେତାଜୀ ଜୟନ୍ତୀ ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିବା ଇଣ୍ଟର ସ୍କୁଲ କମ୍ପିଟେସନରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ସଫଳ ମଣ୍ଡିତ କରିବାରେ ଶିକ୍ଷୟିତ୍ରୀ ମନୋରମା ସାହୁ ସାରିକା ମଲ୍ଲିକ, ଅମ୍ରିତା ରଥ, ଶାହିନା ଅକତର, ଅସିମା ଦାସ, ବିସ୍ମିତା ମିଶ୍ର ପ୍ରମୁଖ ଭୂମିକା ତୁଲାଇଥିଲେ।

















ପୁରୀ ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ରାଜା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସ୍ଥିତ ଗୋପାଳ ସାଗର ଠାରେ ଆଜାଦସ୍ପୋର୍ଟିଂ ଆନୁକୂଲ୍ୟରେ ରାଜା ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ମ୍ୟାଚ୍‌ରେ ଗାଲୁପଡ଼ାର ବ୍ରାଇଟ ଷ୍ଟାରକୁ ଭେଟିଥିଲା ବିରିଡିର ଫ୍ରେଣ୍ଡ୍‌ସ ଇଲେଭେନ। ପ୍ରଥମେ ଗାଲୁପଡ଼ା କ୍ରିକେଟ ଟିମ୍ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା।



ପ୍ରତିପକ୍ଷ ଦଳ ବିରିଡିର ଫ୍ରେଣ୍ଡ୍‌ସ ଇଲେଭେନ କ୍ରିକେଟ ଟିମ୍ ବ୍ୟାଟିଂ କରି ୭ ଓଭରରେ ୮ ୱିକେଟ ହରାଇ ୨୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଫ୍ରେଣ୍ଡ୍‌ସ ଇଲେଭେନର ସନ୍ତୁ ବ୍ୟକ୍ତିଗତ ୯ ରନ କରିଥିଲେ। ଗାଲୁପଡ଼ା ବ୍ରାଇଟ ଷ୍ଟାରର ହାପୁ ବ୍ୟକ୍ତିଗତ ୨ ଓଭର ବୋଲିଂ କରି କୌଣସି ରନ ନ ଦେଇ ୨ ୱିକେଟ ଅକ୍ତିଆର କରିଥିଲେ। ୨୮ରନ କୁ ପିଛା କରି ବ୍ରାଇଟ ଷ୍ଟାର କ୍ରିକେଟ ଟିମ୍ ଗାଲୁପଡ଼ା ୬ ଓଭର ୪ଟି ବଲରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ପାଣ୍ଡ୍ୟା ୫ ରନ କରିଥିଲେ।

ଏହି ଉଦ୍‌ଘାଟନୀ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ ଯୋଗଦେଇ ଥିବା ବେଳେ ସାମ୍ମାନୀତ ଅତିଥିଭାବେ ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ଜଗତସିଂହପୁର ବ୍ଲକ ପୂର୍ବତନ ଆମ୍ବା ଅଧ୍ୟକ୍ଷ ବରୋଦା ପ୍ରସାଦ ରାୟ, ପୂର୍ବତନ ଜଗତସିଂହପୁର ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାରଙ୍ଗ ପାଇଟାଳ, ଶାରଦା ତ୍ରିପାଠୀ, ଶିକ୍ଷାବିତ୍ ବିଦ୍ୟୁଭୂଷଣ ତ୍ରିପାଠୀ, ଡକ୍ଟର ସୁବ୍ରତ କୁମାର ଲେଙ୍କା, ସେକ୍ ରକିବ ଉଦ୍ଦିନ ଯୋଗଦେଇ ଥିଲେ। ଏହି ଖେଳକୁ ପରିଚାଳନା କରିଥିଲେ ସ୍ୱାଧୀନ ପଟ୍ଟନାୟକ, ପ୍ରିୟ ରଞ୍ଜନ ଦାସ, ତାଙ୍କୁ ସହଯୋଗ କରିଥିଲେ ସ୍କୋରର ସତ୍ୟଜିତ ଗୋଛାୟତ ଓ ସନ୍ତୋଷ ପାତ୍ର। ଧାରବିବରଣୀ ପ୍ରଦାନ କରିଥିଲେ ରାଜାରାମ ସ୍ୱାଇଁ ଓ ସୁବାଷ ବିଶ୍ୱାଳ। ଏହି ଖେଳକୁ ସହଯୋଗ କରିଥିଲେ କୃଷ୍ଣ ଚନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ବେହେରା, ଅମୀୟ ସ୍ୱାଇଁ, ରଂଜିତ ଗୋଛାୟତ ଓ ଆଜାଦ ସ୍ପୋର୍ଟିଂ ସମସ୍ତ ସଦସ୍ୟ ବୃନ୍ଦ।

# ବ୍ରାଡ୍‌ମ୍ୟାନ-କୋହଲିଙ୍କୁ ଟପିଲେ ୱିଲିୟମସନ

**ମାଉଣ୍ଟ ମାନୁଗନାଇ**



ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ଟେଷ୍ଟ ସିରିଜ୍ ରବିବାର ଆରମ୍ଭ ହୋଇଛି। ମାଉଣ୍ଟ ମାନୁଗନାଇରେ ଚାଲିଥିବା ଟେଷ୍ଟର ପ୍ରଥମ ଦିନରେ ଆଫ୍ରିକୀୟ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ନୂତନ ଅଧିନାୟକ ନିଲ ବ୍ରାଣ୍ଡରଙ୍କ ନିଷ୍ପତ୍ତି ଏପର୍ଯ୍ୟନ୍ତ ଭୁଲ ପ୍ରମାଣିତ ହୋଇଛି। ଆୟୋଜକ ନ୍ୟୁଜିଲାଣ୍ଡ ପ୍ରଥମ ଦିନରେ ଦୁଇଟି ୱିକେଟ ପାଇଁ ୨୫୮ ରନ ସଂଗ୍ରହ କରିଛି। ରାଚିନ ରବିନ୍ଦ୍ର ୧୧୮ରେ ଅପରାଜିତ ଏବଂ ଅଧିନାୟକ କେନ ୱିଲିୟମସନ ୧୧୨ ରନରେ ଅପରାଜିତ ଅଛନ୍ତି। ଟମ୍ ଲାଥାମ୍ ୨୦ ରନ ସ୍କୋର କରିବା ପରେ ଆଉଟ୍ ହୋଇଥିଲେ ଏବଂ ଡିଭନ କନୱେ ଗୋଟିଏ ରନ ସ୍କୋର କରିବା ପରେ ଆଉଟ୍ ହୋଇଥିଲେ

ୱିଲିୟମ୍ସନ ଟେଷ୍ଟରେ ତାଙ୍କ କ୍ୟାରିୟରର ୩୦ତମ ଶତକ ହାସଲ କରିଥିଲେ। ସର୍ବାଧିକ ଶତକ ହାସଲ କରିବାରେ ସେ ଅଷ୍ଟ୍ରେଲିଆର ମହାନ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡ୍‌ମ୍ୟାନ ଏବଂ ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କଠାରୁ ଆଗକୁ ଟପି ଯାଇଛନ୍ତି। ବ୍ରାଡ୍‌ମ୍ୟାନ ଏବଂ କୋହଲିଙ୍କ ଆକାଉଣ୍ଟରେ ୨୯-୨୯ ଶତକ ରହିଛି। ୱିଲିୟମସନ ୱେଷ୍ଟଇଣ୍ଡିଜର ଶିବନାରାଇନ ଚନ୍ଦ୍ରପାଲ, ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍ ଏବଂ ଇଂଲଣ୍ଡର ଜୋ ରୁଟ୍ ସହିତ ସମାନ ହୋଇଥିଲେ। ଟେଷ୍ଟରେ ୩୦ ଶତକ ପୂରଣ କରିବାରେ ୱିଲିୟମ୍ସନ ହେଉଛନ୍ତି ୧୬ତମ ବ୍ୟାଟ୍ସମ୍ୟାନ।



ଭୁବନେଶ୍ୱର : ବିଶିଷ୍ଟ ଖ୍ୟାତିସମ୍ପନ୍ନ ଲେଖିକା ଡ. ପ୍ରତିଭା ରାୟ, ସୁଲେଖିକା ପାରମିତା ଶତପଥୀ ଓ ଯଶୋଧାରା ମିଶ୍ରଙ୍କ ପ୍ରେସ୍ ମିଟ୍। (ଫଟୋ : ସମ୍ବାଦ କଳିକା)

# ଭାରତୀୟ ପାରା ଅଲିମ୍ପିକ କମିଟିକୁ ସସ୍‌ପେଣ୍ଡ କଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ**

କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ପାରା ଅଲିମ୍ପିକ(ପିସିଆଇ)କୁ ନିଲମ୍ବିତ କରିଛି। ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ପାଇଁ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟାନୁଷ୍ଠାନ ଗତ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ସମାପ୍ତ ହେବାର ପ୍ରାୟ ୨ ମାସ ପରେ ପିସିଆଇ ଦ୍ୱାରା ନିର୍ବାଚନ ଘୋଷଣା ପରେ ନିଆଯାଇଛି। ମନ୍ତ୍ରଣାଳୟ କହିଛି ଭାରତୀୟ ପାରା ଅଲିମ୍ପିକ କମିଟି ଦ୍ୱାରା ସମ୍ବିଧାନ ଓ କ୍ରୀଡ଼ା ନିୟମର ଉଲ୍ଲଂଘନ କରାଯାଇଛି। ଦେଶରେ ପାରା କ୍ରୀଡ଼ା ପାଇଁ ରାଷ୍ଟ୍ରୀୟ କ୍ରୀଡ଼ା ମହାସଂଘ(ଏନଏସଏଫ) ଦ୍ୱାରା ମାନ୍ୟତା ପ୍ରାପ୍ତ ଭାରତୀୟ ପାରା ଅଲିମ୍ପିକ କମିଟିର ଶେଷ ନିର୍ବାଚନ ୨୦୧୯ ସେପ୍ଟେମ୍ବରରେ ହୋଇଥିଲା। ତେବେ ଆଇନଗତ ଜଟିଳତା କାରଣରୁ ଫଳାଫଳ ୨୦୨୦ ଜାନୁଆରୀ ୩୧ ପର୍ଯ୍ୟନ୍ତ ଘୋଷଣା କରାଯାଇ ନ ଥିଲା, କମିଟି ପ୍ରକ୍ରିୟାକୁ ଘୁଞ୍ଚାଇ ଚାଲିଥିଲା। କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ୨୦୨୪ ମାର୍ଚ୍ଚ ୨୮ରେ ନିର୍ବାଚନ କରାଇବା ପିସିଆଇର ନିର୍ଣ୍ଣୟ ଅସାମ୍ବିଧାନିକ ଓ କ୍ରୀଡ଼ା ସଂହିତାକୁ ଉଲ୍ଲଂଘନ କରୁଛି। ପଦାଧିକାରୀଙ୍କ କାର୍ଯ୍ୟକାଳ ସରିବାର ଏକ ମାସ ପୂର୍ବରୁ ନିର୍ବାଚନ କରାଇବା ବାଧ୍ୟତାମୂଳକ। କିନ୍ତୁ କମିଟି ଜାଣିଶୁଣି ଟାଳଟୁଳ ନୀତି କରି ନିର୍ବାଚନ ଠିକ୍ ସମୟରେ କରାଇ ନଥିଲେ। ସରକାରୀ ଗାଇଡଲାଇନ୍‌ର ମଧ୍ୟ ପାଳନ କରି ନ ଥିଲେ। ତେଣୁ ପାରା ଅଲିମ୍ପିକ କମିଟିରୁ ସସ୍‌ପେଣ୍ଡ କରାଯାଉଛି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଏହି ଆଦେଶ ଲାଗୁ ରହିବ। ଭାରତୀୟ କ୍ରୀଡ଼ା ପ୍ରାଧୀକରଣକୁ ଏକ କମିଟି ଗଠନ କରି ଅନ୍ତର୍ଜାତୀୟ ପାରା ଅଲିମ୍ପିକ କମିଟି ସହ ସମନ୍ୱୟ ରଖିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଆଦେଶ ଦେଇଛନ୍ତ।

# ପୁଣି ମା' ହେବେ ଅନୁଷ୍କା, ଖୁସି ଖବର ଦେଲେ ଡିଭିଲିୟର୍ସ

**ନୂଆଦିଲ୍ଲୀ**

ପୁଣି ମା' ହେବେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା। ବାପା ହେବେ ଭାରତୀୟ ଟିମ୍‌ର ଷ୍ଟାର୍ କ୍ରିକେଟର ବିରାଟ କୋହଲି। ନିଜ ଦ୍ୱିତୀୟ ସନ୍ତାନକୁ ଘରକୁ ସ୍ୱାଗତ କରିବେ ବିରୁଷ୍କା। ଏନେଇ ଖୁଲାସା କରିଛନ୍ତି ବିରାଟ କୋହଲିଙ୍କ ବନ୍ଧୁ ତଥା ଆର୍‌ସିବିର ପୂର୍ବତନ ଖେଳାଳି ଏବି ଡିଭିଲିୟର୍ସ। ସେ ଏକ ଭିଡିଓ ସେଆର କରି ଏହି ଖୁସି ଖବର ଦେଇଛନ୍ତି। ଫଳରେ ସମସ୍ତ ଚର୍ଚ୍ଚା ଉପରୁ ପରଦା ଉଠିଛି। ଦୀର୍ଘ ଦିନ ହେବ ଅନୁଷ୍କା ଶର୍ମା ପୁଣିଥର ଗର୍ଭବତୀ ଥିବା ନେଇ ଚର୍ଚ୍ଚା ହେଉଥିଲା। ଭାରତୀୟ ଟିମ୍‌ର ଷ୍ଟାର୍ ଖେଳାଳି ବିରାଟ କୋହଲି ମଧ୍ୟ ମ୍ୟାଚ୍‌ରୁ ଛୁଟି ନେଇଥିଲେ। ଇଂଲଣ୍ଡ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚ୍‌ରୁ ସେ ବିସିସିଆଇକୁ ଛୁଟି ମାଗିଥିଲେ।



ତେବେ କାହିଁକି ଛୁଟି ନେଉଛନ୍ତି ସେ ନେଇ କିଛି ଜଣାଇ ନଥିଲେ। ଏବେ ବିରାଟ କାହିଁକି ଟେଷ୍ଟ ମ୍ୟାଚ୍‌ରୁ ବିରତି ନେଇଥିଲେ ତା'ର ଖୁଲାସା କରିଛନ୍ତି ଡିଭିଲିୟର୍ସ। ଭାରତ ଓ ଇଂଲଣ୍ଡର ଟେଷ୍ଟ ମ୍ୟାଚ୍ ପରେ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଆସିଥିଲେ ଏବି ଡିଭିଲିୟର୍ସ। ଲାଇଭ୍‌ରେ ଆସି ସେ ଫ୍ୟାନ୍‌ମାନଙ୍କ ଅନେକ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ସମୟରେ ସେ ବିରାଟଙ୍କ ସହ ଫୋନ୍‌ରେ କଥା ହୋଇଥିବା କହିଥିଲେ। ଏଥିସହ ଅନୁଷ୍କା ଓ ବିରାଟ ପୁଣି ଥରେ ବାପା-ମା' ହେବାକୁ ଯାଉଥିବା ନେଇ ସେ ଘୋଷଣା କରିଥିଲେ। ଉଭୟ ନିଜ ଦ୍ୱିତୀୟ ସନ୍ତାନକୁ ସ୍ୱାଗତ କରିବାକୁ ଯାଉଛନ୍ତି। ଏଥିପାଇଁ ବିରାଟ ନିଜ ପରିବାର ସହ ସମୟ ବିତାଉଛନ୍ତି ବୋଲି ଡିଭିଲିୟର୍ସ କହିଛନ୍ତି। ଏହି ଖବର ଏବେ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଯାଇଛି। ବିରାଟ ଓ ଅନୁଷ୍କାଙ୍କ ଫ୍ୟାନ୍‌ମାନେ ବେଶ୍ ଖୁସି ହୋଇପଡିଛନ୍ତି। ଚାରିଆଡୁ ବିରିଷ୍କାଙ୍କୁ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି। ତେବେ ବିରାଟ ଓ ଅନୁଷ୍କା କିନ୍ତୁ ଏଯାଏଁ ଦ୍ୱିତୀୟ ସନ୍ତାନ ବିଷୟରେ କୌଣସି ଅଫିସିଆଲ ଘୋଷଣା କରିନାହାନ୍ତି।

# ଏଣ୍ଡର ବିଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର ଏଣ୍ଡର ବି.ଏମ୍.ସି.ସି କ୍ରିକେଟ୍ କ୍ଲବ ଦ୍ୱାରା ଏକ ଦୁଇ ଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ୮ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ବରିଷ୍ଠ ସାମ୍ବାଦିକ ମହମ୍ମଦ ଇଲିଆସ ପ୍ରମୁଖ ଯୋଗ ଦେଇଥିଲେ। ବାଇପୁର ଓ କାଙ୍କଦିଆ ମଧ୍ୟରେ ପ୍ରଥମ ମ୍ୟାଚ୍, ସାହସପୁର ଓ ଫୋରଡ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ବାଇପୁର ଓ ସାହସପୁର ବିଜୟୀ ହୋଇଥିଲେ। ତୃତୀୟ ମ୍ୟାଚ୍ ଏଣ୍ଡର ଓ ହଳଦଡ଼ିହ ମଧ୍ୟରେ ହୋଇବା ମ୍ୟାଚ୍‌ରେ ଏଣ୍ଡର ବିଜୟୀ ହୋଇଥିବା ଜଣାପଡିଛି। ଏଥି ସହିତ ଚତୁର୍ଥ ମ୍ୟାଚ୍‌ରେ କଂସାର ଓ ବନ୍ଧପଡ଼ା ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ବନ୍ଧପଡ଼ା ବିଜୟୀ ହୋଇଥିବା ଜଣାପଡିଛି। ବି.ଏମ୍.ସି.ସି କ୍ଲବର ସଭାପତି ସୌମ୍ୟ ଜେନା ଓ ସଂପାଦକ ନିର୍ମଳ ମଲିକଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିବା ଜଣାପଡ଼ିଛି।

# ମା' ଠାକୁରାଣୀ ଯୁବକ ସଙ୍ଘ ପକ୍ଷରୁ ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ

**ଆସିକା, ନ୍ୟୁଜ୍‌ବ୍ୟୁରୋ**

ମା' ଠାକୁରାଣୀ ଯୁବକ ସଙ୍ଘ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଉଦ୍‌ଘାଟକ ଥିଲେ ଆସିକା ଅଞ୍ଚଳର ସମାଜସେବୀ ତଥା ବିଜେଡି ନେତା ବଂଶୀଧର ନାହାକ। ଚଳିତ ବର୍ଷ ଆସିକା ବ୍ଲକ୍‌ର କିଶୋର ଚନ୍ଦ୍ର ପଲି ଗାଁର ଏକ ଖୋଲା ପଡ଼ିଆ ଠାରେ ଗତ ଦୁଇ ବର୍ଷ ଧରି ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଯାଇଛି। ପ୍ରଥମ ଦିନରେ ନନ୍ଦିଘୋର ସହ ଜଗମୋହନ ସହ ଲଢେଇ ହୋଇ ଥିବା ବେଳେ ନନ୍ଦିଘୋର ଟିମ୍ ୮୫ ରନ ସଂଗ୍ରହ କରିଥିବା ବେଳେ ଜଗମୋହନ ଟିମ୍ ୮୪ ରନ କରିଥିବା ବେଳେ ନନ୍ଦିଘୋର ଟିମ୍ ବିଜୟୀ ହୋଇଥିଲା। ଉଦ୍‌ଘାଟନ ଟୁର୍ଣ୍ଣାମେଣ୍ଟରେ ଉପସ୍ଥିତ ଥିବା ଦୁଇଟି ଟିମ୍‌ର ଖେଳାଳିମାନଙ୍କୁ ଉତ୍ସାହ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ୫-ଟି ଅଧ୍ୟକ୍ଷ ପାଣ୍ଡିୟାନ ଗ୍ରାମାଞ୍ଚଳର ଖେଳାଳିମାନଙ୍କ ପାଇଁ ଆଜି ସବୁ ଅଞ୍ଚଳରେ ଖେଳ ପଡ଼ିଆ ସହ ଇଣ୍ଟରନ୍ୟାସନାଲରେ ଖେଳିବା ପାଇଁ ସୁଯୋଗ ମିଳିଥିବା କହିଛନ୍ତି ବିଜେଡି ନେତା ବଂଶୀଧର ନାହାକ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ସହଯୋଗ କରିଥିଲେ। ଗଞ୍ଜାମ ଜିଲ୍ଲାର ବଛା ବଛା ଟିମ୍ ଏହି ପଡ଼ିଆରେ ଖେଳିବେ ବୋଲି ମା' ଠାକୁରାଣୀ ଯୁବକ ସଙ୍ଘ ପକ୍ଷରୁ ସୂଚନା ମିଳିଛି।



# କେନ୍ଦ୍ରାପଡ଼ା ପୁରୁଷ ଓ ମହିଳା ଭଲିବଲ ଦଳ ରାଜ୍ୟରେ ତୃତୀୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆ-ଓ ରାଜ୍ୟ ସ୍ତରୀୟ ଭଲିବଲ ପ୍ରତିଯୋଗିତା ରେ ଭାଗ ନେଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ପୁରୁଷ ଓ ମହିଳା ଭଲିବଲ ଦଳକୁ ତୃତୀୟ ସ୍ଥାନ ମିଳିଛି। ସେମି ଫାଇନାଲରେ ପୁରୁଷ ଦଳ ଯାଜପୁର ଜିଲ୍ଲା ଠାରୁ ହାରି ତୃତୀୟ ସ୍ଥାନ ପାଇଥିବା ବେଳେ ମହିଳା ଭଲିବଲ ଦଳ ଖୋର୍ଦ୍ଧା ଜିଲ୍ଲା ମହିଳା ଭଲିବଲ ଦଳ ଠାରୁ ପରାସ୍ତ ହୋଇ ତୃତୀୟ ସ୍ଥାନ ଲାଭ କରିଛି। ଉଭୟ ଦଳକୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର, ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଉଭୟ ଦଳ ପ୍ରତିଯୋଗିତାରେ ସଂଘର୍ଷ ପୂର୍ଣ୍ଣ କ୍ରୀଡ଼ା ନୈପୁନ୍ୟ ଦେଖାଇ ଥିବାରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ପୀତାମ୍ବର ସାମଲ, ଉପ ଜିଲ୍ଲାପଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉଭୟ ଦଳକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତ।


























ଭୁବନେଶ୍ୱର : ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ବିଧାନସଭାର...

ରବୀନ୍ଦ୍ର ମଣ୍ଡପ ଛକ ଓ ସଂଲଗ୍ନ ରାସ୍ତାରେ ସିସିଟିଭି ଖଞ୍ଜା ଯାଇଛି। ଆନ୍ଦୋଳନକାରୀଙ୍କଠାରୁ ଆରମ୍ଭ କରି ସନ୍ଦିଗ୍ଧ, ସମସ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ। ସୁରକ୍ଷାକୁ ଅଧିକ କଡାକଡ଼ି ପାଇଁ ବିଧାନସଭା ଗେଟ୍, ରବୀନ୍ଦ୍ର ମଣ୍ଡପ ଗେଟ୍, ଲୋୟର ପିଏମ୍‌ଜି ଆଦି ୫ଟି ସ୍ଥାନରେ ୫ଟି ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମ କରାଯାଇଛି। ସେପଟେ ସୁରକ୍ଷା ଦାୟିତ୍ୱରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ୮ ଜଣ ଅତିରିକ୍ତ ଡିସିପି, ୧୬ ଜଣ ଏସିପି, ୨୦ ଜଣ ଇନ୍ସପେକ୍ଟରଙ୍କ ସହ ୧୦୦ ରୁ ଅଧିକ ପୁଲିସ କର୍ମଚାରୀ ନିୟୋଜିତ ହେବେ। ବିଧାନସଭା ଚାରି ପଟେ ସଶସ୍ତ୍ର ସୁରକ୍ଷା ବାହିନୀ ଅହୋରାତ୍ର ଜଗି ରହିବେ। ବିଧାନସଭା ଛାତ ଉପରେ ରୁଫ ଟପ ପୁଲିସ ରହିବେ।ଅନ୍ୟପଟେ ଏହା ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ଅଧିବେଶନ ହୋଇଥିବାରୁ ମୁହାଁମୁହିଁ ହେବେ ଶାସକ ଓ ବିରୋଧୀ । ଗୃହରେ ଉଠିବ ନୂଆ ଓ ପୁରୁଣା ପ୍ରସଙ୍ଗ। ସ୍ୱଳ୍ପକାଳୀନ ଅଧିବେଶନରେ ବିରୋଧୀ ଓ ଶାସକ ଦଳ କେଉଁ ପ୍ରସଙ୍ଗ ଉଠାଇବେ ତାହାକୁ ନେଇ ଆରମ୍ଭ ହୋଇଯାଇଛି ସଜବାଜ । ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରିବେ ଉଭୟ ପକ୍ଷ। ରାଜ୍ୟପାଳଙ୍କ ଅଭିଭାଷଣରୁ ଗୃହ କାର୍ଯ୍ୟ ଆରମ୍ଭ ହେବ। ସୋମବାର ସକାଳ ୧୦ଟା ୧୫ ମିନିଟରେ ବସିବ ବିଜେଡି ବିଧାୟକ ଦଳ ବୈଠକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେଡି ଏଥର ଅଧିବେଶନରେ ଗୃହରେ କେଉଁ କେଉଁ ପ୍ରସଙ୍ଗ ଉଠାଇବ ସେ ନେଇ ରଣନୀତି ପ୍ରସ୍ତୁତ କରିବ। ଏହାସହ ବିରୋଧୀ ଗୃହରେ ଯେଉଁ ସବୁ ପ୍ରସଙ୍ଗ ଉଠାଇବେ ତାହାର ଗଠନ ମୂଳକ ଜବାବ ଦେବାକୁ କାଉଣ୍ଟର ରଣନୀତି ବି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯିବ। ସେପଟେ ନୂଆ ଓ ପୁରୁଣାର ଲମ୍ବା ପ୍ରସଙ୍ଗ ନେଇ ଅଧିବେଶନରେ ଶାସକ ଦଳକୁ ଘେରିବାକୁ ସଜବାଜ ଆରମ୍ଭ କରିଛନ୍ତି ଦୁଇ ବିରୋଧୀ ବିଜେପି ଓ କଂଗ୍ରେସ। ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବାରୁ ଉଭୟ ଶାସକ ଓ ବିରୋଧୀ ଗୃହରେ ଆଗ୍ରେସିଭ ଭୂମିକାରେ ରହିବେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି।

## ପଞ୍ଜାବ ପରେ...

ଚିନ୍ତା ପ୍ରକଟ କରିଛନ୍ତି ବରଗଡର ବୁଦ୍ଧିଜୀବୀ। ଅନ୍ୟ ପକ୍ଷରେ କ୍ୟାନସର ଆକ୍ରାନ୍ତଙ୍କ ଦ୍ୱାରା ଗଠିତ ଫାଇଟର୍ସ ଗ୍ରୁପ ଠାରୁ ୟୁନାଇଟେଡ ଫୋରମ ଫର କ୍ୟାନସର ହସ୍‌ପିଟାଲ ପରି ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ସଂଗଠନ ବରଗଡ଼ରେ ଏକ କ୍ୟାନସର ହସ୍ପିଟାଲ ନିର୍ମାଣ ପାଇଁ ଦାବି କରିଥିଲେ । ବାରମ୍ବାର ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମସିହାରେ ସୋହେଲା ଠାରେ ଆୟୋଜିତ ଏକ ସଭାରେ ବରଗଡ଼ ଜିଲ୍ଲାରେ କ୍ୟାନସର ହସ୍ପିଟାଲ ନିର୍ମାଣ ନେଇ ଘୋଷଣା କରିଥିଲେ । ପଶ୍ଚିମ ଓଡ଼ିଶାର କ୍ୟାନସର ପୀଡ଼ିତଙ୍କ ଦୁଃଖ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପୂରଣ ହେବାକୁ ଯାଉଛି । ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପ୍ରାୟ ୧୨୦ କୋଟି ବ୍ୟୟ ଅଟକଳରେ ୫ ମହଲା ବିଶିଷ୍ଟ ଏହି କ୍ୟାନସର ହସପିଟାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଖୁବ ଅଳ୍ପ ଦିନ ମଧ୍ୟରେ ଏହାର ଉଦ୍‌ଘାଟନ ହେବ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଏହି କ୍ୟାନସର ହସପିଟାଲ ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଇନଡୋର ୱାର୍ଡ଼ ପାଇଁ ୪୦ ଶଯ୍ୟା, ଡେ- କେୟାର କେମୋଥେରାପି ପାଇଁ ୨୦ ଶଯ୍ୟା , ଆଇସିୟୁ ପାଇଁ ୬ ଶଯ୍ୟା, ହାଇ ଡିପେନଡେସି ଇଉନିଟ ପାଇଁ ୬ ଶଯ୍ୟା, ପ୍ରି -ସର୍ଜରୀ ୬ ଶଯ୍ୟା, ପୋଷ୍ଟ ସର୍ଜରୀ ୬ ଶଯ୍ୟା, ଆଇସୋଲେସନ ଶଯ୍ୟା ୪ ଓ ୧୨ ଟି କ୍ୟାବିନ ବ୍ୟବସ୍ଥା ରହିଥିବା ଜଣାପଡିଛି। ତେବେ ବରଗଡ଼ ଜିଲ୍ଲାର ଏହି ହସ୍ପିଟାଲ କ୍ୟାନ୍ସର ରୋଗୀଙ୍କ ପାଇଁ କେତେ ଲାଭଦାୟୀ ହେବ ଓ ରୋଗୀଙ୍କୁ କିପରି ଚିକିତ୍ସା ସେବା ପ୍ରଦାନ କରିବ ତାହା ଦେଖିବାକୁ ବାକି ରହିଲା।

## ଓଡ଼ିଆ ଭାଷା...

ମନସ୍କ ହେଲେ କଥିତ ଅପବାଦ ଆଉ ଶୁଣିବାକୁ ମିଳିବ ନାହିଁ। ବଳିଷ୍ଠ ସାହିତ୍ୟ ସର୍ଜନାର ପଥରୋଧ ହୋଇଗଲେ ଭାଷା ଉପରେ ତା'ର ପ୍ରଭାବ ନିଶ୍ଚିତ ଭାବେ ପଡିବ ଏବଂ ଆମେ ସଂଶୟ ପ୍ରକଟ କରୁଥିବା ବିଶ୍ୱାସ ଟି ଯେ ଓଡ଼ିଆ ଭାଷାର ଅବକ୍ଷୟ ହୋଇଯିବ ! ଏହା ଅମୂଳକ ମନେ ହେବ ନାହିଁ। ଜାତିର ଭାଷା ଜଣେ ନିଷ୍ଠାବାନ ସାହିତ୍ୟ ସାଧକର ପୁଞ୍ଜି ଓ ତା'ର ଅନୁଭବ-ଦୃଷ୍ଟିଭଙ୍ଗୀ ହିଁ ଜାତି ସାହିତ୍ୟକୁ ଆଗେଇ ନେବାରେ ସମର୍ଥ ହେବ, ଏପରି ସ୍ୱାଭିମାନ ସେହି ସାଧକର ରହିବା ସର୍ବଦା ବାଞ୍ଛନୀୟ ଅଟେ। ସାହିତ୍ୟରେ ଭାଷା ପ୍ରୟୋଗ ଯେତିକି ବିସ୍ତୃତ ହେଉଥିବ ସେହିଭଳି ଭାଷାର ଲିଖନ-ପଠନ-ବାକ୍‌କଥନ ଓ ତାହାର ପ୍ରଚାର-ପ୍ରସାର ହେବାର ବହୁଳତା ମଧ ଭାଷାକୁ ସମୃଦ୍ଧ ଓ ବ୍ୟବସ୍ଥିତ କରାଇବାରେ ବିଶ୍ୱାସ ରଖେ। ଭାଷା ମରେ ନାହିଁ କେବେ ! ଯଦି ଭାଷାର ମୌଳିକତା ନାହିଁ ଏବଂ ସେ ଭାଷା ଅନ୍ୟ କେଉଁ ଭାଷାରୁ ଉଦ୍‌ଗମ ସେ କ୍ଷେତ୍ରରେ ଜାତି ନିଷ୍ପ୍ରାଣ ହେବା ସହିତ ସେ ଭାଷା ମଧ ମରିଯାଏ। ଅବଶ୍ୟ ପୃଥିବୀରେ ଏଭଳି କେତେକ ଘଟଣା ଘଟିଛି ଓ ସେ ଜାତି ସହିତ ତା ଭାଷା ମଧ ମରିଛି। ମାତ୍ର ଆମ ଭାଷା ସୁପ୍ରାଚୀନ କେଉଁ କାଳରୁ। ଏକ ଦମ୍ଭ ପିଣ୍ଡି ଉପରେ ଆମର ଭାଷା ବୈଭବ ଗଢିଉଠିଛି। ଏହା ଏକ ମୌଳିକ ଓ ଶାସ୍ତ୍ରୀୟ ଭାଷା, ଯାହାର କେହି ଗତିରୋଧ କରିବା ସମ୍ଭବ ନୁହେଁ। ବନବାସୀର ଭାଷାଠୁ ଆଞ୍ଚଳିକ ଭାଷା ପର୍ଯ୍ୟନ୍ତ ସମସ୍ତ କଥିତ ଉପଜୀବ୍ୟ ଭାଷାମାନ ଗୋଟିଏ ସମ୍ଭ୍ରାନ୍ତ-ସଂସ୍କୃତି ସଂପନ୍ନ ଓ ଭାଗବତୀୟ ପରମ୍ପରାର ମୂଳ ଆଧାର ଉପରେ ପ୍ରତିଷ୍ଠିତ। ଏହି ଓଡିଆ ଶବ୍ଦପୁଞ୍ଜି ଲକ୍ଷାଧିକ ଓ ସୁସଂହତ ଏକ ଐକ୍ୟ ଉପରେ ଏହା ବିରାଜମାନ। ଯେଯାବତ୍ ବୈଦିକ ପରମ୍ପରା-ଭାଗବତୀୟ ଆଦର୍ଶ ଏ ରାଜ୍ୟରେ ପ୍ରଚଳିତ ଥିବ ସେ ଯାବତ ଓଡ଼ିଆ ଭାଷାର ଅବକ୍ଷୟ ହେବାର ସଂଶୟ ଅମୂଳକ ଅଟେ। ଅବଶ୍ୟ ଭାଷା ଭାବନା ପ୍ରତ୍ୟେକ ଜାତି ନାଗରିକର ରହିବା ବାଞ୍ଛନୀୟ। ସେ ପାଇଁ ପ୍ରାୟ ଶହେ ବର୍ଷ ପରେ ଆମର ଏବର ସରକାର ସକାରତ୍ମକ ଭାବେ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପରି ଏକ ଆନ୍ଦୋଳନ ଆରମ୍ଭ କରି ତା'ର ପୂର୍ଣ୍ଣତା ପାଇଁ ବହୁବଧ ଆୟୋଜନ କରିଛନ୍ତି। ପ୍ରାଚୀନ ପୋଥି ସଂରକ୍ଷଣ-ଭାଷା ସଂରଚନା ପ୍ରୋତ୍ସାହନ, ଗ୍ରାମ-ବ୍ଲକ୍-ଅଞ୍ଚଳ-ଜିଲ୍ଲା-ରାଜଧାନୀ ପର୍ଯ୍ୟନ୍ତ ନାଗରିକ ମନରେ-ପ୍ରାଣରେ ଭାଷା ବିଭାବନା ପାଇଁ ଅନେକାନେକ ଖସଡାମାନ ପ୍ରସ୍ତୁତ କରି ତାହାର ପ୍ରଚାର-ପ୍ରସାର କରୁଛନ୍ତି, ଯାହା ଏକ ଆଦର୍ଶଗତ ବୈଶିଷ୍ଟ୍ୟ ଆମପାଇଁ। ତାହାର ଲାଭ ନେବା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।' ଏହି ଭାଷା ସମ୍ମିଳନୀ ଆୟୋଜନଗତ ବିଚାର ବିମର୍ଶ ପର୍ବରେ ଗୋଟିଏ ଅଧିବେଶନରେ ଏହି ଲେଖକଟି ସାମିଲ ହେବାକୁ ସୁଯୋଗ ପାଇଥିଲା। ଆଲୋଚ୍ୟ ବିଷୟ ଥିଲା-ଭାଷା ସମୃଦ୍ଧି ପାଇଁ ବୁଦ୍ଧିଜୀବୀର ନୂଆ ତଥ୍ୟ ଓ ତତ୍ତ୍ୱ। ସେଥିରେ ଏହି ଲେଖକର ପ୍ରସ୍ତାବିତ ଉତ୍ତର ଥିଲା ଯେ ଏହି ସମୃଦ୍ଧ ଆମ ଓଡ଼ିଆ ଭାଷାର ସ୍ଥିତାବସ୍ଥାର ଦୃଢତା ପାଇଁ ୧-ଗ୍ରାମୀଣ କଥିତ ଭାଷାକୁ ସଂରକ୍ଷଣ କରିବାକୁ ହେବ। ୨-ବିଦ୍ୟାର୍ଥୀଙ୍କ ସାହିତ୍ୟ ପାଠ୍ୟକ୍ରମରେ ବିଷୟ ଅଧ୍ୟୟନ ପାଇଁ ଚୟନ ପ୍ରକ୍ରିୟାକୁ ଏକ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ କରିବାକୁ ହେବ। ସେହି ବିଷୟ ସୂଚି ଗୁଡିକ ସାଂପ୍ରତିକ କାଳକୁ କିଭଳି ବିଦ୍ୟାର୍ଥୀଙ୍କୁ ଲାଭ ଦେବ , ସେମାନଙ୍କ ମାନସିକତା ଓ ବୃତ୍ତିରେ ତାହା ଦେଖିବାକୁ ହେବ। ୩-ସାହିତ୍ୟ ଅଧ୍ୟାପନା ବୃତ୍ତିରେ ଥିବା ଶିକ୍ଷକଟିର ସାହିତ୍ୟ-ଭାଷା-ବ୍ୟାକରଣ ଆଦି ଦିଗ ଉପରେ ବିଶେଷ ଜ୍ଞାନ ଅଛି କି ? ତାହା ଚୟନ କରାଯାଇ ଶିକ୍ଷକ ନିଯୁକ୍ତି କରାଯାଉ ଏବଂ ୪ର୍ଥଟି ହେଲା ସରକାରଙ୍କ ପକ୍ଷରୁ ଶିଶୁଲେଖା-ଉତ୍କଳ ପ୍ରସଙ୍ଗ ଭଳି କେତେକ ଉପାଦେୟ ପୁସ୍ତକ ସ୍ୱଳ୍ପ ମୂଲ୍ୟରେ ଯେଭଳି ଯୋଗାଇ ଦିଆଯାଉଅଛି ସେଭଳି ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ରୂପେ ଶିକ୍ଷିତ ନହୋଇଥିବା ଲକ୍ଷାଧିକ ଓଡ଼ିଆ ଭାଷାଭାଷୀ ନାଗରିକଙ୍କୁ ସ୍ୱଳ୍ପମୂଲ୍ୟ କିମ୍ବା ମାଗଣାରେ ମଧୁ ବର୍ଣ୍ଣବୋଧ, ଛବି ବହି ଆଦି ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ, ତାହାହେଲେ ଆମ ଭାଷା-ସାହିତ୍ୟ ମାଧ୍ୟମରେ ପ୍ରସରି ଯିବାରେ ବିଶେଷ ଭାବେ ସହାୟକ ହେବ। ପୂର୍ବସୂରୀ ଗଣଙ୍କର ଆସ୍ଥା-ନିଷ୍ଠା-ସାଧନା ଓ ସମର୍ପଣର ଔଜ୍ଜ୍ୱଲ୍ୟ ପ୍ରକଟିତ ହେଉ। ଭାଷା ବଞ୍ଚିଲେ ଜାତି ବଞ୍ଚିବ। ଜାତି ବଞ୍ଚିଲେ ନାଗରିକର ଅନ୍ତର୍ଦୃଷ୍ଟି ପରିଚ୍ଛନ୍ନ ହେବ ଓ ସେ ବିଜ୍ଞାନୀ ହେବ।

**କାର୍ଯ୍ୟକାରୀ ସଂପାଦକ 'କଥା କଳିକା'**
**୪୬୪, ସହିଦ ନଗର, ଭୁବନେଶ୍ୱର**
**ଫୋନ-୯୪୩୮୫୩୫୫୭୭**

## ଜୀବନର ପ୍ରଥମ...

ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ କହିଲେ, ଭାଷା ହିଁ ଆମ ଅତୀତର ସ୍ଥିତି ଓ ଆମ ଭବିଷ୍ୟତ। ନିଜ ଗୌରବ ସହ ଅନ୍ତରଙ୍ଗତା ସ୍ଥାପନ ପାଇଁ ବିଶ୍ୱ ଓଡ଼ିଆ ସମ୍ମିଳନୀ ଏକ ମହାର୍ଘ ଅବସର। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ପ୍ରୟାସ ବେଶ୍ ପ୍ରଶଂସନୀୟ ବୋଲି ସେ କହିଥିଲେ। ଓଡ଼ିଆ କବି ସମ୍ମିଳନୀ ଆୟୋଜନ ପାଇଁ ରାଜ୍ୟ ସରକାର କିଟ୍‌କୁ ସୁଯୋଗ ଦେଇଥିବାରୁ ଡ. ସାମନ୍ତ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବର୍ଷିଆନ କବି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ସ୍ୱରଚିତ କବିତା ପାଠ କରିଥିଲେ। ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ଓ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ, ଓଡ଼ିଆ ଭାଷା ସମ୍ମିଳନୀ ଯୁବଗୋଷ୍ଠୀଙ୍କୁ ଓଡ଼ିଆ ଭାଷାର ବିକାଶ ଦିଗରେ ପ୍ରେରଣା ଯୋଗାଇବ। ପ୍ରତ୍ୟେକ ଓଡ଼ିଆର ଆଦ୍ୟ ପରିଚୟ ଓଡ଼ିଆ ଭାଷା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ର କହିଲେ, ଓଡ଼ିଆ ଭାଷା ଅନ୍ୟାନ୍ୟ ଭାଷାଠାରୁ ଆଗରେ ରହିଆସିଛି। ମାତୃଭାଷା ପ୍ରତି ସମସ୍ତଙ୍କର ସ୍ନେହ, ଆଦର ଓ ସମ୍ମାନ ରହିବା ଆବଶ୍ୟକ ବୋଲି ସେ କହିଥିଲେ। କବି ପଦ୍ମ ଭୂଷଣ ରମାକାନ୍ତ ରଥ ଓଡ଼ିଆ ଭାଷାର ଯେଉଁ ଗ୍ରନ୍ଥାବଳୀ ଓ ରଚନାବଳୀ ବଜାରରେ ବିଲୁପ୍ତ ସେସବୁର ପୁନଃମୁଦ୍ରଣ କରିବା ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅନୁବାଦ ସାହିତ୍ୟ ଉପରେ ଗୁରୁତ୍ୱାରୋପ କରି ଅନୁବାଦ ସାହିତ୍ୟକୁ ପ୍ରୋତ୍ସାହନ ଦେଲେ ତାହା ଆମ ଭାଷାର ଭବିଷ୍ୟତ ହୋଇପାରିବ ବୋଲି କବି ଦେବଦାସ ଛୋଟରାୟ କହିଥିଲେ। କବିମାନେ ସବୁବେଳେ ସ୍ପଷ୍ଟବାଦୀ, ନିରବତା ହେଉଛି ସବୁଠାରୁ ବଡ଼ ଭାଷା ବୋଲି ଡ. ପ୍ରସନ୍ନ ପାଟ୍ଟଶାଣୀ ମତବ୍ୟକ୍ତ କରିଥିଲେ। କବି ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ହେଲେ ପରସ୍ପର ଭାଷିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଯୁବକଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତୀକାତ୍ମକ ଭାବେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଦିନକୁ ଓଡ଼ିଆ ଭାଷା ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରୁ ମାଟ୍ରିକ...

ସ୍ଥାନରେ ବସିପାରିବେ। ୮ଟା ସୁଦ୍ଧା ସମସ୍ତେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। ତେବେ ଆଉ ୧୫ମିନିଟ ଅଧିକ ସମୟ ରଖାଯାଇଛି। ପରୀକ୍ଷା କେନ୍ଦ୍ରରେ ଦେଢ଼ ଘଣ୍ଟା ପୂର୍ବରୁ ପ୍ରବେଶ ଦ୍ୱାରା ନିଜ ସିଟ ଖୋଜି ବସିବା ପାଇଁ ପରୀକ୍ଷାର୍ଥୀଙ୍କୁ ସୁବିଧା ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୫ଲକ୍ଷ ୫୧ ହଜାର ୬୧୧ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ବୋର୍ଡ ପକ୍ଷରୁ ୩ ହଜାର ୭୩ଟି ପରୀକ୍ଷା କେନ୍ଦ୍ର ଏବଂ ଦୁର୍ଗମ ଅଞ୍ଚଳର ୨୧ଟି ଥାନାକୁ ନୋଡାଲ ସେଣ୍ଟର କରାଯାଇଛି। ୨୦ରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ମାର୍ଚ୍ଚ ୧୬ ତାରିଖରୁ ଖାତାଦେଖା ଆରମ୍ଭ ହେବ। ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ଖାତା ଦେଖା ସରିବ। ଚଳିତ ବର୍ଷଠାରୁ ପୁଣି ପୁରୁଣା ଢାଞ୍ଚାରେ ପରୀକ୍ଷା ହେବ। ଅର୍ଥାତ ୫୦ ମାର୍କ ସବଜେକ୍ଟିଭ ଏବଂ ୫୦ ମାର୍କ ଅବଜେକ୍ଟିଭ ପ୍ରଶ୍ନ ଆସିବ।

## ବିଧାନସଭାରେ ...

ଭାଷାର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଆ ଭାଷା ସୁରକ୍ଷା ପାଇଁ ଏବଂ ଆଗାମୀ ପିଢ଼ି ପାଇଁ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ଏ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାରୀସ୍ତରରେ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି । ଏହା ଦ୍ୱାରା ସମସ୍ତ ଭାଷାଭାଷୀ ଅଞ୍ଚଳ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ଓଡ଼ିଶାର ବିକାଶରେ ଭାଗିଦାରୀ ହେବେ ବୋଲି ସେ ଆଶା ରଖିଛନ୍ତି। ପୁସ୍ତକଟି ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହରଥାଙ୍କ ଦ୍ୱାରା ସମ୍ପାଦିତ ଓ ଶବ୍ଦସ୍ପର୍ଶ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି।

## ନୂଆ-ଓ କାର୍ଯ୍ୟକ୍ରମରେ...

ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛନ୍ତି। ଯାହାବି କରିବେ ଏହାର ପ୍ରଭାବ ଆସନ୍ତା ୫୦ ବର୍ଷ ପର୍ଯ୍ୟନ୍ତ ପଡିବ। ଯଦି ଭଲ କରିବେ ତେବେ ଆସନ୍ତା ୫୦ ବର୍ଷ ଖୁସିରେ ରହିବେ। ଏନେଇ ଆପଣଙ୍କ ଲାଗି ମୁଖ୍ୟ ପାଠ ପଢିବା। ହେଲେ କେବଳ ପାଠ ପଢିଲେ ସଫଳତା ମିଳିବନି। ଆପଣଙ୍କୁ ପାଠ ସହ ପ୍ରତିଯୋଗିତାରେ ଭାଗ ନେବାକୁ ପଡିବ। ଏଥିଲାଗି ଏ ନୂଆ-ଓ କାର୍ଯ୍ୟକ୍ରମ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ଯାହାବି ପ୍ରତିଭା ଅଛି ସେସବୁ ବାହାରକୁ ଆଣିବାକୁ ଏହି ପ୍ଲାଟଫର୍ମ ହୋଇଛି । କଲେଜ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଏହି କାର୍ଯ୍ୟକ୍ରମର ଆୟୋଜନ ହେଉଛି। ପ୍ରତିଯୋଗିତାରେ ଭାଗ ନେଲେ ସାମଗ୍ରିକ ବିକାଶ ହେବ। ପାଠ ସାଙ୍ଗେ ସାମଗ୍ରିକ ବିକାଶ ହେଲେ ଜୀବନରେ ସଫଳତା ହାସଲ କରିବେ। ଜିତିଲେ ଖୁସି ଲାଗିବ। ତେବେ ଜିତିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଭାଗ ନେବା ଗୁରୁତ୍ୱପୂର୍ଣ୍ଣ । ଭାଗନେଲେ ଜୀବନରେ କିଛି ଗୁରୁତ୍ୱପୂର୍ଣ୍ଣ ଶିଖିବେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମଗ୍ରିକ ବିକାଶ ହେବ। ସାମଗ୍ରିକ ବିକାଶ ହେଲେ ଆତ୍ମବିଶ୍ୱାସର ସହ ସମସ୍ୟାର ମୁକାବିଲା କରିବେ। ଜୀବନରେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡିବ। କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। ଏଥିଲାଗି ଛାତ୍ରଛାତ୍ରୀଙ୍କୁ ଶାରୀରିକ ଏବଂ ମାନସିକ ଭାବେ ଫିଟ ରହିବା ଆବଶ୍ୟକ। ଦିନକୁ ୩୦ ମିନିଟ ଶାରୀରିକ ବ୍ୟାୟାମ ସହ ୧୫ ମିନିଟ ଧ୍ୟାନ କରିବାକୁ କହିଛନ୍ତି ୫-ଟି ଅଧ୍ୟକ୍ଷ। ସଫଳତା ହାସଲ କରିବାକୁ ଦିନକୁ ଅତି କମରେ ୧୪ ଘଣ୍ଟା ପରିଶ୍ରମ କରିବାକୁ କହିଛନ୍ତି। ସୋସିଆଲ ମିଡିଆରେ ଖରାପ ଏବଂ ଭଲ ବିଷୟ ଅଛି। ସୋସିଆଲ ମିଡିଆରେ ସମୟ ଅପଚୟ ନକରିବାକୁ ପରାମର୍ଶ ଦେଇଛନ୍ତି । ବାପା, ମାଆ ଓ ଗୁରୁଜନଙ୍କ କଥା ମାନିବାକୁ ଦେଇଛନ୍ତି ପରାମର୍ଶ । ଯେଉଁମାନେ ଏହି ବାଟରେ ଯାଉନାହାନ୍ତି ସେମାନଙ୍କୁ ଆତ୍ମସମୀକ୍ଷା କରିବାକୁ ପଡିବ । ଏହି ଅବସରରେ ଜିଲ୍ଲାର କିଛି ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଅବସରପ୍ରାପ୍ତ ଆଇଏଏସ ପ୍ରସନ୍ନ କୁମାର ହୋତା, ଆଇପିଏସ ଗୋପାଳ ନନ୍ଦ, କ୍ରୀଡ଼ାବିତ କିଶୋର କୁମାର ଜେନା, ପାରା ଆଥଲେଟ୍ ଜୟନ୍ତୀ ବେହେରା, ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ ମହାପାତ୍ର, ରାଷ୍ଟ୍ରଦୂତ ମଳୟ କୁମାର ମିଶ୍ର, ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ, ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଉଦାହରଣ ଦେଇଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଦୁନିଆରେ ଅସମ୍ଭବ ବୋଲି କିଛି ନାହିଁ । ଆପଣଙ୍କ ଭବିଷ୍ୟତ ଆପଣଙ୍କ ହାତରେ ଅଛି ବୋଲି କହିଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ।

## ତମାଖୁ ଓ ପାନ ...

ଜାରି ହୋଇଥିବା ଆଡଭାଇଜରୀ ଅନୁସାରେ ତମାଖୁ ଉତ୍ପାଦ ତିଆରି କରୁଥିବା କମ୍ପାନୀଙ୍କୁ ୧ ଏପ୍ରିଲରୁ ଜିଏସଟି ଅଧିକାରୀଙ୍କ ଦ୍ୱାରା ନିଜର ପ୍ୟାକିଙ୍ଗ ମେସିନକୁ ମଧ ପଞ୍ଜିକୃତ କରିବାକୁ ପଡିବ। ଯଦି ତମାଖୁ ଉତ୍ପାଦ ତିଆରି କରୁଥିବା କମ୍ପାନୀ ଏଥିରେ ବିଫଳ ହୁଅନ୍ତି ସେମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ । ଦେଶରେ ତମାଖୁ ଉତ୍ପାଦ କ୍ଷେତ୍ରରେ ହେଉଥିବା ରେଭିନ୍ୟୁ ଲିକେଜ ରୋକିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଫାଇନାନ୍ସ ବିଲ ୨୦୨୪ରେ କେନ୍ଦ୍ରୀୟ ଜିଏସଟି ଅଧିନିୟମରେ ସଂଶୋଧନ କରିଛନ୍ତି। ଯେଉଁଥିରେ ପାନମସଲା ପ୍ୟାକିଂ ହେଉଥିବା ମେସିନ ପଞ୍ଜିକୃତ ନ ହୋଇଥିଲେ ପ୍ରତି ମେସିନ ପିଛା ୧ ଲକ୍ଷ ଟଙ୍କା ଜରିମାନା କରିବାକୁ ବ୍ୟବସ୍ଥା ହୋଇଛି। ଜିଏସଟି ପରିଷଦଙ୍କ ସୁପାରିଶ ଅନୁସାରେ ଟ୍ୟାକ୍ସ ଅଧିକାରୀମାନେ ଗତବର୍ଷ ଠାରୁ ତମାଖୁ ମେନୁଫେକ୍‌ଚରରଙ୍କ ଦ୍ୱାରା ମେସିନ ରେଜିଷ୍ଟ୍ରେସନ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ମେସିନଗୁଡିକର ପ୍ୟାକିଂ କ୍ଷମତା ସହିତ ବର୍ତ୍ତମାନର ପ୍ୟାକିଂ ମେସିନ ଓ ନୂଆ ସ୍ଥାପିତ ମେସିନର ବିବରଣୀ ଫର୍ମ ଜିଏସଟି ଏସଆରଏମ-ଆଇରେ କରିବାକୁ ହୋଇଥାଏ। ତେବେ ଗତବର୍ଷ ଏ ନେଇ କୌଣସିପ୍ରକାର ପେନାଲ୍ଟି ସମ୍ପର୍କରେ ସୂଚନା ଦିଆଯାଇନଥିଲା। ରେଭିନ୍ୟୁ ସେକ୍ରେଟାରୀ ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଜିଏସଟି ପରିଷଦର ଗତ ବୈଠକରେ ପାନମସଲା, ଗୁଟଖା ଓ ଏଇଭଳି ଉତ୍ପାଦ ନିମନ୍ତେ ସେମାନଙ୍କ ମେସିନର ପଞ୍ଜିକରଣ କରିବା ଜରୁରୀ କରାଯାଇଥିଲା । ଯାହା ଦ୍ୱାରା ଏପରି କମ୍ପାନୀଙ୍କ ପ୍ରଡକ୍ସନ କ୍ୟାପାସିଟି ଉପରେ ନଜର ରଖାଯାଇ ପାରିବ। ତେବେ ଗତବର୍ଷ ପର୍ଯ୍ୟନ୍ତ ପଞ୍ଜିକରଣ କରାଇ ନଥିବା କମ୍ପାନୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇ ନଥିଲା । ତେବେ ଏଥର ଜିଏସଟି ପରିଷଦ ଏହା ଉପରେ କିଛି ପେନାଲ୍ଟି କରିବା ଦରକାର ବୋଲି ନିଷ୍ପତ୍ତି ନେଇଛି । ଏହି କାରଣରୁ ଏବେ ରେଜିଷ୍ଟ୍ରେସନ କରିନଥିବା କମ୍ପାନୀଙ୍କ ବିରୋଧରେ ଜରିମାନା କରାଯିବ।

## ଯୁବବର୍ଗଙ୍କ ଅଧିନାୟକତ୍ୱରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪

# ଓଡ଼ିଶାର ସ୍ୱର୍ଣ୍ଣିମ ଭବିଷ୍ୟତର ଅଭୁତ ଝଲକ୍

ଭାଷା କେବଳ ଭାବର ବାହକ କିମ୍ବା ଅଭିବ୍ୟକ୍ତିର ମାଧ୍ୟମ ନୁହେଁ, ଏହା ଏକ ଜାତିର ଅସ୍ମିତାର ପ୍ରଥମ ନିଦର୍ଶନ । ସ୍ରୋତସ୍ୱତୀ ନଦୀ ପରି ଏହା ପ୍ରବାହିତ ହୋଇଚାଲିଥାଏ ଗୋଟିଏ ପିଢିରୁ ଆଉ ଗୋଟେ ପିଢିକୁ ଉତ୍ତରାଧିକାର ସୂତ୍ରରେ । ଚର୍ଯ୍ୟାପଦର ସାହିତ୍ୟରୁ ଆରମ୍ଭ ହୋଇଥିବା ଓଡ଼ିଆ ଭାଷାର ବିକାଶ ସାରଳା ସାହିତ୍ୟ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ପୂର୍ଣ୍ଣ କଳେବର ଧାରଣ କରିଥିଲା ମାତ୍ର ଏହି ଐତିହାସିକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଯୁବପ୍ରାଣରେ ଭରିଛି ନବଉଲ୍ଲାସ ଓ ଉନ୍ମାଦ । ଭାଷାର ସୁରକ୍ଷା, ବିକାଶ ଓ ପ୍ରଚାର ପ୍ରସାର ପାଇଁ କୋଟି କୋଟି ଓଡ଼ିଆଙ୍କ ଭିତରେ ଜାଗ୍ରତ ହୋଇଛି ନୂତନ ଉର୍ଜା । ସେ ନୂତନ ଉର୍ଜାର ପ୍ରତିଫଳନ ହୋଇଛନ୍ତି ଓଡ଼ିଶାର କୋଣଅନୁକୋଣରୁ ଭୁବନେଶ୍ୱରରେ ଚାଲିଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗ ଦେଇଥିବା ଓଡିଶାର ହଜାର ହଜାର ଯୁବ ପ୍ରତିଭା ।

ଏହି ଭାଷା ସମ୍ମିଳନୀର ଅମୃତ ବାର୍ତ୍ତା ରହିଛି ଭାଷା ହିଁ ଭବିଷ୍ୟତ । ଆସନ୍ତା କାଲି ଯେଉଁ ଯୁବ ଓଡ଼ିଆମାନେ ବିଭିନ୍ନ କ୍ଷେତ୍ରରେ ଏହି ରାଜ୍ୟର ମଙ୍ଗ ଧରିବେ, ନେତୃତ୍ୱ ନେବେ ଓଡ଼ିଆ ଭାଷା ସମ୍ମିଳନୀରେ ତା'ର ଅଭୁତ ଝଲକ୍ ଦେଖିବାକୁ ମିଳିଛି । ପ୍ରତିଟି ଆୟୋଜନ ଓ ଅନୁଷ୍ଠାନର ସଫଳତା ମାପିବାକୁ ନିର୍ଦ୍ଦିଷ୍ଟ କେତୋଟିମାପକାଠିଥାଏ । ଓଡ଼ିଶାର ଯୁବବର୍ଗ ଯେଉଁ ଉତ୍ସାହ, ଆନନ୍ଦ ଓ ଆକାଂକ୍ଷାର ସହିତ ଏହି ଭାଷା ସମ୍ମିଳନୀର ବିଭିନ୍ନ ସଂପାନରେ ସାମିଲ ହୋଇ ନିଜର ଅଭିବ୍ୟକ୍ତି ରଖିଛନ୍ତି, ତାହା ଏକ ସୁନାର ଓଡ଼ିଶା ଗଠନ ଦିଗରେ ରାସ୍ତା ପ୍ରଶସ୍ତ କରିଛି । ମାତୃଭାଷା ଓଡ଼ିଆ ପ୍ରତି ବୃଦ୍ଧି ପାଉଥିବା ଯୁବବର୍ଗଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ସମ୍ମିଳନୀରେ ଅନେକ ପ୍ରଦର୍ଶନୀ କକ୍ଷର ଆୟୋଜନ କରାଯାଇଛି । ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଭଲ ପାଇବା, ଆଗ୍ରହ ଶକ୍ତିକୁ ବଢାଇବା ଏବଂ ବୌଦ୍ଧିକ ଜ୍ଞାନକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଆୟୋଜିତ ହେଉଥିବା ବିଭିନ୍ନ ସଂପାନରେ ସାହିତ୍ୟିକ, ଚିନ୍ତାନାୟକ, ଗବେଷକମାନେ ନିଜ ନିଜ ମତ ରଖୁଛନ୍ତି । ତାଙ୍କ ଉପସ୍ଥିତିରେ ଓଡ଼ିଆ ଯୁବବର୍ଗର ପ୍ରତିନିଧି ମଧ୍ୟ ନିଜ ନିଜର ମତ ରଖିଛନ୍ତି, ପ୍ରଶ୍ନ କରୁଛନ୍ତି, ଏହାସହ ବିଭିନ୍ନ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରୁଛନ୍ତି । ବିଭିନ୍ନ ଆଲୋଚନାରେ ପ୍ରତିଥଯଶା ସାହିତ୍ୟିକ ପଦ୍ମବିଭୂଷଣ ଡ଼ ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ଡ଼. ପ୍ରତିଭା ରାୟ, ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ ବିଜେତା ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ପ୍ରିତୀଶ ଆଚାର୍ଯ୍ୟ, ଗବେଷକ ସୁବାସ ପାଣି, ଗବେଷକ ଭାସ୍କର ମିଶ୍ର ଆଦିଙ୍କ ଉପସ୍ଥିତିରେ ଏହି ଯୁବ ଛାତ୍ରଛାତ୍ରୀମାନେ ତଥ୍ୟ ଓ ତତ୍ତ୍ୱର ଯେଉଁ ସ୍ତରକୁ ସ୍ପର୍ଷ କରି ନିଜ ନିଜ ମତକୁ ଉପସ୍ଥାପିତ କରୁଛନ୍ତି, ତାହା ଏହି ଭଳି ସାଧକମାନଙ୍କୁ ମଧ୍ୟ ଆତ୍ମସନ୍ତୋଷ ଦେଇପାରୁଛି । ଓଡ଼ିଶାର ଭବିଷ୍ୟତ ଯେ ଆଗାମୀ ଦିନରେ ଉଚିତ୍, ସମର୍ଥ, ସୁଯୋଗ୍ୟ ଦାୟାଦମାନଙ୍କ ହାତରେ ରହିବ, ତାହା ହିଁ ଏହି ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀର ବିଶେଷ ଉପଲବ୍ଧି ବୋଲି ପ୍ରମାଣିତ ହୋଇଛି । ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନିଜ ଭାବନା ମଧ୍ୟରେ ଅନ୍ତର୍ନିହିତ କରି ଯୁବବର୍ଗ ଡିଜିଟାଲ୍ ଯୁଗର ଭାଷାରେ ଓଡ଼ିଆ ଅସ୍ମିତାକୁ ଉଚିତ୍ ଭାବେ ଉପସ୍ଥାପିତ କରିପାରୁଛନ୍ତି । ଭାଷାର ଭବିଷ୍ୟତ ହେଉଛି କମ୍ପ୍ୟୁଟର କି-ବୋର୍ଡ, ଅତ୍ୟାଧୁନିକ ଫଣ୍ଟ୍, କୃତ୍ରିମ ବୁଦ୍ଧିମତା ଏବଂ ରୋବୋଟ୍ ଇତ୍ୟାଦି । ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ଓଡ଼ିଆ ଭାଷାର କିପରି ଆଧୁନିକ ପ୍ରୟୋଗର ପ୍ରସାର କରାଯାଇପାରିବ, ତାହାର ଏକ ସୁନ୍ଦର ଉପସ୍ଥାପନା ହେଉଛି ଡୋମ୍ ଅଫ୍ ଦି ଫ୍ୟୁଚର୍ । ଏଠାରେ ରୋବୋଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ଓଡ଼ିଆ ଭାଷାର ଉତ୍ଥାନ ପାଇଁ କ'ଣ କରାଯାଇପାରିବ, ସେଥିପ୍ରତି ଯୁବବର୍ଗ ବିଶେଷ ରୂପରେ ପ୍ରଚେଷ୍ଟା କରିଛନ୍ତି ।




ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ହସ୍ତତନ୍ତ, ଐତିହ୍ୟ, ଭାସ୍କର୍ଯ୍ୟ ଯେତିକି ପ୍ରାଚୀନ ଓ ସମୃଦ୍ଧ ସେତିକି ଅନନ୍ୟ ଆମର ପୂଜ୍ୟପୂଜାର ପରମ୍ପରା । ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଓଡ଼ିଶାପାଇଁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଅଜସ୍ର ଯଶ ଓ ଖ୍ୟାତି ଆଣିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ଆଜି ସମ୍ମିଳନୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ଆର. ବାଲକୃଷ୍ଣନ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼କ୍ଟର ଅରବିନ୍ଦ କୁମାର ପାଢ଼ୀ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆୟୋଜିତ ପ୍ରଦର୍ଶନୀ ମଣ୍ଡପ ବୁଲି ଦେଖିଛନ୍ତି । ଓଡ଼ିଆ ବ୍ୟାକରଣ ଓ ଭାଷା ବିଜ୍ଞାନ ବିଷୟ ପଦ୍ମଶ୍ରୀ ଡ଼. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଧ୍ୱନି ଓ ବର୍ଣ୍ଣ, ପାଣିନୀ ପରମ୍ପରା ଅନୁସାରେ ଓଡ଼ିଆ ବ୍ୟାକରଣ, ବାକ୍ୟ ବିଚାର ଓ ଭାଷା ଭିତ୍ତିକ ଆଲୋଚନା ବ୍ୟାସକବି ଫକୀରମୋହନ କକ୍ଷରେ ଅନୁଷ୍ଠିତ ହୋଇଥିଲା ।








## ଯୁବବର୍ଗଙ୍କ ମତାମତ....



**ସିଦ୍ଧାର୍ଥ କୁମାର ସାହୁ, ରେଭେନ୍ସା କଲିଜିଏଟ୍ ସ୍କୁଲ**

ଆଜିର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗ ଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ । ରାଜ୍ୟ ସରକାରଙ୍କ ଏପରି ପ୍ରଚେଷ୍ଟା ପ୍ରଶଂସନୀୟ । ଏହି ଅବସରରେ ମତେ ପ୍ରାଚୀନ ଐତିହ୍ୟସମ୍ପନ୍ନ ଓ ସାହିତ୍ୟିକ ପରମ୍ପରା ସମ୍ପର୍କରେ କହିବାକୁ ସୁଯୋଗ ମିଳିଥିବାରୁ ମୁଁ ଧନ୍ୟ । ପ୍ରାଚୀନ ଐତିହ୍ୟସମ୍ପନ୍ନ ଓ ସ୍ୱତନ୍ତ୍ର ବିବର୍ତ୍ତନ ସମୃଦ୍ଧ ହୋଇଥିବା ଭାଷାକୁ ଶାସ୍ତ୍ରୀୟ ଭାଷା କୁହାଯାଏ । ଓଡ଼ିଆ ଇଣ୍ଡୋ-ଆର୍ଯ୍ୟ ଭାଷା ପରିବାରର ପ୍ରଥମ ପୂର୍ବ ଓ ଉତ୍ତର ଭାରତର ପ୍ରଥମ ଭାଷା । ଓଡ଼ିଆ ଭାଷାର କ୍ରମବିକାଶ ସମ୍ପର୍କରେ ଶିଳାଲେଖ, ବୌଦ୍ଧ ଚର୍ଯ୍ୟାପଦ, ସାରଳା ମହାଭାରତ, ମାଦଳା ପାଞ୍ଜି, ଶ୍ରୀଜଗନ୍ନାଥ ମନ୍ଦିର ଇତିହାସ ସମେତ ରୁଦ୍ର ସୁଧାନିଧି, ଜଗମୋହନ ରାମାୟଣ, ଶ୍ରୀମଦ୍ ଭାଗବତ, ଚତୁର ବିନୋଦ ଇତ୍ୟାଦି ଗ୍ରନ୍ଥରୁ ପ୍ରମାଣ ମିଳିଥାଏ ।

**ଦେବୀ ପ୍ରସାଦ ରଥ, ରେଭେନ୍ସା ବିଶ୍ୱବିଦ୍ୟାଳୟ**

ଓଡ଼ିଶାର ମହାନ୍ ଇତିହାସକୁ ବିଶ୍ୱଲୋଚନକୁ ଆଣିବା ତଥା ଏହାର ଆବଶ୍ୟକତାକୁ ଯୁବପିଢିଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରୁଛି । ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ମତେ କହିବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ପ୍ରାକ୍ ଐତିହାସିକ ସଭ୍ୟତା ଯୁଗରୁ ଦରିଆପାର୍ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଂଶଦାନ ସମ୍ପର୍କରେ ପ୍ରତ୍ନତାତ୍ତ୍ୱିକ ତଥା ସାହିତ୍ୟରେ ପ୍ରତିଫଳିତ ହୋଇଥିବାର ଦେଖାଯାଏ ।ବିଗତ ଦିନରେ ଓଡ଼ିଆ ସାଧବ ବଙ୍ଗୋପସାଗର ଅତିକ୍ରମ କରି ଜାଭା, ସୁମାତ୍ରା, ବାଲି, ବର୍ଣ୍ଣିଓ, ବର୍ମା, ବ୍ରହ୍ମଦେଶ, ସିଂହଳ, ଚାଇନା ଆଦି ଦେଶରେ ବ୍ୟବସାୟ କରୁଥିଲେ । ସେମାନ ବଙ୍ଗୋପସାଗରକୁ କଳିଙ୍ଗସାଗର ନାମରେ ନାମିତ କରିଥିଲେ ।

**ସତ୍ୟବ୍ରତ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ**

ଓଡ଼ିଶା ସରକାରଙ୍କ ଏହି ପ୍ରୟାସ ଆମମାନଙ୍କ ପାଇଁ ଏକ ସୁଯୋଗ । ସୁଯୋଗ ଆମ ଭାଷା ସମ୍ପର୍କରେ ଜାଣିବାର, ସୁଯୋଗ ଆମ ମଧ୍ୟରେ ଭାଷା ପ୍ରତି ଭଲ ପାଇବା ସୃଷ୍ଟି କରିବା । ଏହି ଅବସରରେ ଜଗନ୍ନାଥ ଚେତନା ସମ୍ପର୍କରେ କହିବାକୁ ମତେ ସୁଯୋଗ ମିଳିଛି । ଶ୍ରୀଜଗନ୍ନାଥ ସମସ୍ତ ଚେତନାର ପ୍ରତୀକ । ସାରା ବିଶ୍ୱର ସେ ପୁରୁଷୋତ୍ତମ ଠାକୁର । ଓଡ଼ିଆ ଜାତିର ଅସ୍ମିତା ଓ ସମ୍ଭାବନାର ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ଦାରୁ ଦେବତା ନୁହଁନ୍ତି ବରଂ ଚଳନ୍ତି ବିଷ୍ଣୁ ପ୍ରତିମା । ସମଗ୍ର ବିଶ୍ୱବାସୀଙ୍କର ସେ ଆପଣାର ଦେବତା । ତାଙ୍କ ଦର୍ଶନ କଲେ ଅନନ୍ୟ ଦିବ୍ୟଭାବ ସୃଷ୍ଟି ହୋଇଥାଏ ।

**ପ୍ରତିଭା ପରିଡା, ରାଜଧାନୀ ଉଚ୍ଚ ବିଦ୍ୟାଳୟ**

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକ୍ରମେ ଆଜି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସଫଳ ରୂପାୟନ ସମ୍ଭବ ହୋଇପାରିଛି । ପୁରାତନ ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ସୁଦୀର୍ଘ ଇତିହାସ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ରହିଛି । ଆଜିର କଳା, ସଂସ୍କୃତି ଓ ପ୍ରକୃତିକୁ ଏହା ନିଖୁଣ ଭାବେ ବର୍ଣ୍ଣନା କରିବା ସହ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି । ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ମଧ୍ୟଯୁଗୀୟ ସାହିତ୍ୟରେ ରହିଥିବା ବର୍ଣ୍ଣନା ଓଡ଼ିଆଙ୍କ ସ୍ନେହ, ପ୍ରେମ ଓ ଭଲ ପାଇବାର ପରିଚୟ ଅଟେ ।

**ଦିବ୍ୟାନୀ ପଟ୍ଟନାୟକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

ଭାଷା ଆମ ସମସ୍ତଙ୍କ ପରିଚୟ । ଆମ ଭାଷାରୁ ହିଁ ଆମେ ଓଡ଼ିଆ ବୋଲି ପରିଚୟ ମିଳେ । ଆମ ଓଡ଼ିଶାର ପ୍ରତି ସ୍ଥାନର ଭାଷା ଭିନ୍ନ ତେଣୁ ଆଞ୍ଚଳିକ ଭାଷାର ମହତ୍ତ୍ୱକୁ କେବେବି ଅଣଦେଖା କରାଯାଇ ନପାରେ । ଆଞ୍ଚଳିକ ଭାଷା ଓ ମାତୃଭାଷାର ମହତ୍ତ୍ୱ ବୁଝିବା ଉଚିତ୍ । ଓଡ଼ିଆ ପରି ଏକ ଶାସ୍ତ୍ରୀୟ ଭାଷାର ବ୍ୟବହାରକୁ ବ୍ୟାପକ କରିବା ଦିଗରେ ସବୁ ମହଲରୁ ଉଦ୍ୟମ ହେବା ଉଚିତ୍ । ଓଡ଼ିଆ ଭାଷାରେ ପାର୍ସି, ଯାବନିକ ଓ ଇଂରାଜୀ ଭାଷାର ଅପ୍ରଚଳିତ ପ୍ରବାହ ହୋଇଥିବାବେଳେ ଶବ୍ଦ ବ୍ୟବହାରରେ ଲେଖକମାନେ ସଚେତନ ହେବାର ଆବଶ୍ୟକତା ରହିଛି ।

**ସୁଶ୍ରୀ ସୋମାଲିନ୍ ସତପଥି, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ**

ଓଡ଼ିଆ ଭାଷାର ପରିଚୟ ଓ ଓଡ଼ିଶା ପ୍ରଦେଶର ନିର୍ମାଣ ପାଇଁ ଏହି ଓଡ଼ିଶା ରାଜ୍ୟ ମଧ୍ୟ ଜନ୍ମ ଦେଇଛି ଓଡ଼ିଆ ଅସ୍ମିତାର ସମର୍ଥ ସେନାପତୀଙ୍କୁ । ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ପାଇଁ ମଧୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ମଧୁବାବୁଙ୍କ ମନ ଭିତରେ ସର୍ବଦା ଦରଦ ଭରି ରହିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡିକ ଅବହେଳିତ ଅବସ୍ଥାରେ ଥିବା ସେ ଅନୁଭବ କରି ୧୯୦୩ ମସିହାରେ ଗଢିଲେ ଉତ୍କଳ ସମ୍ମିଳନୀ, ଯାହାକି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।




